ଧରିତ୍ରୀ
DHARITRI
November 25- December 1, 2018 ₹ 2/-

# ଛୁଟିଦିନ



# ନିଆରା ମାରାଥନ୍ ରେକର୍ଡ

୩ ପ୍ରଚ୍ଛଦ ପ୍ରସଙ୍ଗ

ଜିତିବାର ନିଶା ଓ ଆତ୍ମବିଶ୍ୱାସ ପାଇଁ ମଣିଷ ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ। ଯାହା କରି ଦେଖେଇଛନ୍ତି ଏହି ନିଆରା ମାରାଥନ୍ ଦୌଡାଳିମାନେ...



୧୩ ସହରଠୁ ଦୂର



୮/୯ ସିନେମା

## ପ୍ଲାଷ୍ଟିକ୍‌ରେ କାରିଗରି



ପରିବେଶକୁ ସୁସ୍ଥ ଏବଂ ସନ୍ତୁଳିତ ରଖିବା ଦିଗରେ ଏବେ ସମସ୍ତେ ହେଲେଣି ସଚେତନ। ଏଣୁ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ବ୍ୟବହାର ବନ୍ଦ କରିବା ଦିଗରେ ଏବେ ସବୁଆଡେ ଚାଲିଛି ଅଭିଯାନ। ତେବେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ବ୍ୟବହାର କରି ଥୋମାସ୍ ଡେନିନ୍‌ଜର୍ ନାମକ ଜଣେ ଆମେରିକୀୟ କଳାକାର ପ୍ରସ୍ତୁତ କରୁଛନ୍ତି ଏଭଳି କଳାକୃତି ଯାହା ଅପ୍ଟିକାଲ ଇଲ୍ୟୁଜନ୍‌ର ଭ୍ରମ ସୃଷ୍ଟି କରେ। ଥୋମାସ ପ୍ଲାଷ୍ଟିକ୍‌ର ବିଭିନ୍ନ ଖେଳଣା, ଘରକରଣା ବସ୍ତୁ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀକୁ ଏଭଳି ଭାବେ ସଜାଇ ରଖନ୍ତି, ଯାହାକୁ ଅଳ୍ପ ବ୍ୟବଧାନରୁ ଦେଖିଲେ ତାହା କୌଣସି ପୋର୍ଟ୍ରେଟ୍, ମଣିଷର ମୁହଁ, ପଶୁ, ପକ୍ଷୀ ଆଦିର ଭ୍ରମ ସୃଷ୍ଟି କରିଥାଏ। ଥୋମାସ ଏହି କଳାକୃତି ପ୍ରସ୍ତୁତ କରିବା ବେଳେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁଗୁଡିକର ଆକାର ଏବଂ ରଙ୍ଗ ଉପରେ ବିଶେଷ ଧ୍ୟାନ ଦେଇଥାନ୍ତି। କାରଣ ଏହି କଳାକୃତିର ବିଭିନ୍ନ ଅଂଶ ପାଇଁ ଭିନ୍ନ ଭିନ୍ନ ରଙ୍ଗ ଏବଂ ଆକାରର ପ୍ଲାଷ୍ଟିକର ଆବଶ୍ୟକତା ପଡିଥାଏ। ଏକାପ୍ରକାରର ରଙ୍ଗ ଏବଂ ଏକାପ୍ରକାର ଆକାର ଥିବା ବସ୍ତୁଗୁଡିକୁ ସର୍ବପ୍ରଥମେ ଏକତ୍ରିତ କରି ଥୋମାସ ଅଠା ସାହାଯ୍ୟରେ ସେସବୁକୁ ସଜାଡି ଏକ ସୁନ୍ଦର କଳାକୃତିର ରୂପ ଦିଅନ୍ତି ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ନଭେମ୍ବର ୨୫-ଡିସେମ୍ବର୧

### ମେଷ



ରବିବାର-ନୂତ ମୈତ୍ରୀ, ଶୁଭ ଖବର ଓ ବ୍ୟବସାୟିକ ଉନ୍ନତି। ସୋମ ଓ ମଙ୍ଗଳ-ବନ୍ଧୁଙ୍କ ସହଯୋଗ । ବୁଧ ଓ ଗୁରୁ-ନିର୍ମାଣରେ ବାଧା, ଆନୁଷ୍ଠାନିକ ତତ୍ପରତା। ଶୁକ୍ର ଓ ଶନିବାର-ଅର୍ଥ ସଂକଟ, ସଭାସମିତିରେ ଦ୍ୱନ୍ଦ୍ୱ, ସାହିତ୍ୟରେ ରୁଚି।

### ବୃଷ



ରବିବାର-ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସମ୍ପଦ ପ୍ରାପ୍ତି। ସୋମ ଓ ମଙ୍ଗଳ-ଯାନ ବାହାନ ଲାଭ , ବୁଧ ଓ ଗୁରୁ-ପରିଭ୍ରମଣର ସୁଯୋଗ, ମନୋରଞ୍ଜନରେ ରୁଚି । ଶୁକ୍ର ଓ ଶନି- ଦୂରଯାତ୍ରା କରିବେ, ସତର୍କ ରହିବା ଭଲ।

### ମିଥୁନ



ରବିବାର-ସମ୍ପର୍କୀୟଙ୍କ ବେଖାତିରି। ସୋମ ଓ ମଙ୍ଗଳ-ପଡୋଶୀଙ୍କ ଅସହଯୋଗ, ତିର୍ଥାଟନ ଚିନ୍ତା। ବୁଧ ଓ ଗୁରୁ-ନିରୁତ୍ସାହତା, ଶୁକ୍ର ଓ ଶନି-ନୂତନ ସମ୍ପର୍କ, ପାରିବାରିକ ଶାନ୍ତି, ଋଣ ପରିଶୋଧ, ସମସ୍ୟା ସମାଧାନ।

### କର୍କଟ



ରବିବାର-ନୂତନ କର୍ମାରମ୍ଭ, ଦ୍ରବ୍ୟଲାଭ । ସୋମ ଓ ମଙ୍ଗଳ-ସ୍ୱଜନ ଶତ୍ରୁତା, କର୍ମକ୍ଷେତ୍ରର ଚାପ। ବୁଧ ଓ ଗୁରୁ-ସମ୍ପର୍କ ଯୋଡିବେ, ସନ୍ତାନଙ୍କ ସମସ୍ୟା। ଶୁକ୍ର ଓ ଶନି-କଳାପ୍ରିୟତା, ବନ୍ଧୁଙ୍କ ପରାମର୍ଶ, ସାମାଜିକ ସମ୍ମାନ, ସୁଯୋଗ ଆସିବ।

### ସିଂହ



ରବିବାର-ଉଚ୍ଚ ଆଶା, ବନ୍ଧୁ ମିଳନ, ପରୋକ୍ଷ ଶତ୍ରୁତା। ସୋମ ଓ ମଙ୍ଗଳ-ଯାନ୍ତ୍ରିକ ତ୍ରୁଟି, ବାଣିଜ୍ୟେ ପ୍ରତିବନ୍ଧକ। ବୁଧ ଓ ଗୁରୁ-ସଭାସମିତିରୁ ସମ୍ମାନ। ଶୁକ୍ର ଓ ଶନି-ଘର ସାଜସଜ୍ଜା, ଭ୍ରମଣ ସୁଖ, ପ୍ରିୟ ବନ୍ଧୁଙ୍କ ସାନ୍ନିଧ ।

### କନ୍ୟା



ରବିବାର-ଅନୁକୂଳ ପରିବେଶ । ସୋମ ଓ ମଙ୍ଗଳ-ଦ୍ରବ୍ୟ ଲାଭ, ପରିବାରରୁ ପ୍ରତିରୋଧ, ବ୍ୟବସାୟରେ ପ୍ରତିବନ୍ଧକ, ସମ୍ପର୍କହାନୀ। ବୁଧ ଓ ଗୁରୁ-ସାହିତ୍ୟ, ସଙ୍ଗୀତରେ ରୁଚି, ଶୁକ୍ର ଶନି-ଯାତ୍ରା ସଫଳ, ପଡୋଶୀଙ୍କ ଅଭିଯୋଗ ।

### ତୁଳା



ରବିବାର- ଯାତ୍ରା ସଫଳ, ସ୍ୱଜନଙ୍କ ପ୍ରେରଣା। ସୋମ ଓ ମଙ୍ଗଳ-କାର୍ଯ୍ୟସିଦ୍ଧି, ସହକର୍ମୀଙ୍କ ସହଯୋଗ, ଯାନ୍ତ୍ରିକ ତ୍ରୁଟି। ବୁଧ ଓ ଗୁରୁ-ଉଦ୍ୟମରେ ବାଧା, ପଡୋଶୀଙ୍କ ସହାନୁଭୂତି। ଶୁକ୍ର ଓ ଶନି-ଧର୍ମକାର୍ଯ୍ୟରେ ରୁଚି।

### ବିଛା



ରବିବାର- ଅର୍ଥ ଓ ସମ୍ମାନ ପାଇବେ, ଉଦ୍ୟମ ସଫଳ। ବନ୍ଧୁଙ୍କ ସାହାଯ୍ୟ, ସ୍ୱଜନ ଶତ୍ରୁତା। ସୋମ ଓ ମଙ୍ଗଳ-କ୍ଳାନ୍ତିବୋଧ। ବୁଧ ଓ ଗୁରୁ-ପରୋକ୍ଷ ଶତ୍ରୁତା, ଆରକ୍ଷୀ ଅଭିଯୋଗ, ଦୂରଯାତ୍ରାର ସୁଯୋଗ। ଶୁକ୍ର ଓ ଶନି-କଳାପ୍ରିୟ ହେବେ, ବାଣିଜ୍ୟରେ ଲାଭ ।

### ଧନୁ



ରବିବାର-କଠିନ ପରିଶ୍ରମ, ବନ୍ଧୁ ଆସିବେ। ସୋମ ଓ ମଙ୍ଗଳ-ବିବାଦରେ ପଡ଼ିବେ, କର୍ମକ୍ଷେତ୍ରରେ ତତ୍ପରତା। ବୁଧ ଓ ଗୁରୁ- ଟେନସନ କମିଯିବ, ମୂଲ୍ୟବାନ ଦ୍ରବ୍ୟଲାଭ। ଶୁକ୍ର ଓ ଶନି-ଭୁଲ୍ ବୁଝାମଣା, ବ୍ୟବସାୟରେ ଉନ୍ନତି।

### ମକର



ରବିବାର-ସ୍ୱାସ୍ଥ୍ୟୋନ୍ନତି, ପରିସ୍ଥିତିକୁ ସଜାଡିବେ। ସୋମ ଓ ମଙ୍ଗଳ-କଚେରି ମାମଲା। ବୁଧ ଓ ଗୁରୁ-ବନ୍ଧୁଙ୍କ ଅସହଯୋଗ, ପାରିବାରିକ ଦୁଃଶ୍ଚିନ୍ତା। ଶୁକ୍ର ଓ ଶନି-ପ୍ରତ୍ୟୂଷ ଯାତ୍ରା, ଶୁଭ ଖବର, ସମସ୍ୟା ସମାଧାନ।

### କୁମ୍ଭ



ରବିବାର-ବନ୍ଧୁ ମିଳନ, ତର୍କ ଓ ବିବାଦ, ମିଥ୍ୟାଭିଯୋଗ। ସୋମ ଓ ମଙ୍ଗଳ-ସୁଖ-ସମୃଦ୍ଧି, ଧାର କରଜ, ସମସ୍ୟା ବଢିବ। ବୁଧ ଓ ଗୁରୁ-ବୃଥା ସନ୍ଦେହ, ପାରିଶ୍ରମିକ ପାଇବେ, ସମାଲୋଚନା। ଶୁକ୍ର ଓ ଶନି-ଆନୁଷ୍ଠାନିକ କାମ, ସାମ୍ବାଦିକତାରୁ ପ୍ରଶଂସା।

### ମୀନ



ରବିବାର-କାମରେ ପ୍ରତିବନ୍ଧକ, ସନ୍ତାନଙ୍କ ସମସ୍ୟା, ବିବାଦୀୟ ଖବର। ସୋମ ଓ ମଙ୍ଗଳ-ଫାଇଲ୍‌କାମ ବୃଦ୍ଧି, ସମ୍ପର୍କରେ ଉନ୍ନତି, ତୀର୍ଥାଟନର ଯୋଜନା। ବୁଧ ଓ ଗୁରୁ-ପ୍ରତିବନ୍ଧକ ଦୂରେଇବ, ଶୁକ୍ର ଓ ଶନି - ସହକର୍ମୀଙ୍କ ସାନ୍ତ୍ୱନା, ଯାତ୍ରା ସଫଳ ହେବ।

## କିଭଳି ନେବେ ଠିକ୍ ନିଷ୍ପତ୍ତି

ଜୀବନର ସଫଳତା ଏବଂ ବିଫଳତା ଆମର ନିଷ୍ପତ୍ତି ଉପରେ ନିର୍ଭର କରିଥାଏ । ଉଚିତ ସମୟରେ ଠିକ୍ ନିଷ୍ପତ୍ତି ଆମକୁ ସଫଳତା ଆଣିଦେଇଥିବା ବେଳେ ଏକ ଭୁଲ ନିଷ୍ପତ୍ତି ଯୋଗୁ ଜୀବନ ସାରା ଅନୁତାପ କରିବାକୁ ପଡିଥାଏ। ତେଣୁ କିଭଳି ଭାବେ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବେ ସେ ସମ୍ପର୍କରେ....



* ନିଷ୍ପତ୍ତି ସର୍ବଦା ଶାନ୍ତ ଏବଂ ସ୍ଥିର ମନରେ ନେବା ଉଚିତ । ରାଗ ଏବଂ କ୍ରୋଧ ମନରେ ଆଦୌ ନିଷ୍ପତ୍ତି ନିଅନ୍ତୁ ନାହିଁ।
* କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଭବିଷ୍ୟତର ଲାଭ କ୍ଷତି ସମ୍ପର୍କରେ ତର୍ଜମା କରିବା ଆଦୌ ଭୁଲନ୍ତୁ ନାହିଁ।
* ଜଲ୍‌ଦି ନିଷ୍ପତ୍ତି ନିଅନ୍ତୁ ନାହିଁ। ଡେରିରେ ହେଉ ବରଂ ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।
* ନିଜ ନିଷ୍ପତ୍ତି ନିଜେ ହିଁ ନିଅନ୍ତୁ କାରଣ ଆପଣ ହିଁ ଜାଣିଛନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ଏବଂ କେଉଁଟି ଭୁଲ।
* ବାଧ୍ୟବାଧକତାରେ ବା ଅନ୍ୟ କାହାର ଚାପରେ ନିଷ୍ପତ୍ତି ନିଅନ୍ତୁ ନାହିଁ।
* ଯଦି ଆବଶ୍ୟକ ପଡେ ତେବେ ନିଷ୍ପତ୍ତି ନେବା ପୂର୍ବରୁ କୌଣସି ଗୁରୁଜନ ବା କୌଣସି ଏକ୍ସପର୍ଟଙ୍କଠାରୁ ପରାମର୍ଶ ନେଇପାରନ୍ତି।
* କାହାକୁ ଚ୍ୟାଲେଞ୍ଜ ଦେବା ବା ପ୍ରତିଶୋଧ ପରାୟଣ ହୋଇ ନିଷ୍ପତ୍ତି ନିଅନ୍ତୁ ନାହିଁ।
* ମନ ବିଚଳିତ ଥିବା ଅବସ୍ଥାରେ ଅନେକେ ଭୁଲ ନିଷ୍ପତ୍ତି ନେଇ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏହି ସମୟରେ ମନକୁ ଶାନ୍ତ ରଖିବା ସହ ଅନ୍ୟ କେଉଁ ଦିଗରେ ନିଜକୁ ଡାଇଭର୍ଟ କରନ୍ତୁ।
* ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ କରନ୍ତୁ ଏବଂ ସେହି ହିସାବରେ ନିଜର ନିଷ୍ପତ୍ତି ନିଅନ୍ତୁ।

## ପାଠକୀୟ

❖କଅଁଳ ବୟସରେ ଏମାନେ ଏମିତି ସବୁ କାମ କରି ଦେଖେଇଛନ୍ତି, ଯାହା ଦୁନିଆ ନଜରରେ ଅସମ୍ଭବ। କାରଣ ମା'ବାପାଙ୍କ ହାତ ଧରି ଚାଲିବା ବୟସରେ ସେମାନେ ପାଲଟିଛନ୍ତି ତାଙ୍କର ପରିଚୟ। ସେମିତି କେତେଜଣ ପ୍ରତିଭାଶାଳୀ ପିଲାଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଛୋଟ ମୁଣ୍ଡ ବଡ଼ କାମ'ଟିର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। 'କେମିତି କରିବେ ଟାଇମ୍ ମ୍ୟାନେଜ୍‌ମେଣ୍ଟ' ପାଠ ଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା।

*– ପ୍ରଭାକର ସ୍ୱାଇଁ, ଚରମ୍ପା, ଭଦ୍ରକ*

❖ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ 'ଛୋଟ ମୁଣ୍ଡ ବଡ଼ କାମ'ରୁ କେତେକ ପ୍ରତିଭାଶାଳୀ ପିଲାଙ୍କ ଅସମ୍ଭବ କାର୍ଯ୍ୟଦକ୍ଷତା ସମ୍ପର୍କରେ ଜାଣି ଖୁସି ଲାଗିଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଫିଲିଗ୍ରୀ ଜୁଏଲେରି' ସମ୍ପର୍କରେ ଅନେକ ଅଜଣା କଥା ଶିଖିଲି। ବ୍ୟକ୍ତିତ୍ୱ ପୃଷ୍ଠାରୁ ନାଟ୍ୟକାର ମୋହନ ରାକେଶଙ୍କ ଜୀବନୀ ସମ୍ପର୍କରେ ପଢ଼ିଲି। ମୋତେ ବହୁତ ଭଲ ଲାଗିଲା।

*– ବ୍ରଜକିଶୋର ମଲ୍ଲିକ, ବରପାଲି, ବରଗଡ଼*

❖ସୃଜନ ପୃଷ୍ଠାରେ ସ୍ଥାନିତ 'ଗୋଲାପ ଫୁଲର ବର୍ଷା' ଗପଟି ବେଶ୍ ମନଛୁଆଁ ହୋଇ ପାରିଥିଲା। ସିନେମା ପୃଷ୍ଠାରେ ସ୍ଥାନିତ 'ଚତୁରୀ ପ୍ରିୟଙ୍କା', 'କିଆରା-ଜ୍ୟାକ୍‌ଲିନ୍ ତୁ ତୁ ମେଁ ମେଁ' ଏବଂ 'ନାୟିକା ହେବ ଏମିତି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ଗାଳ୍ପିକ ତଥା ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ' ମନକୁ ବେଶ୍ ଛୁଇଁ ପାରିଥିଲା।

*– ଆଶୁତୋଷ କର, ବୀରମହାରାଜପୁର, ସୋନପୁର*

❖'ପ୍ରାକୃତିକ ଚିକିତ୍ସା' ପାଠଟିରୁ ଗୁରୁଚରଣ ଜେନାଙ୍କ ନିଆରା ଚିକିତ୍ସା ପଦ୍ଧତି ସମ୍ପର୍କରେ ଜାଣି ସତରେ ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ଚକୋଲେଟ୍ ଜରିରେ ନିର୍ମିତ ପୋଷାକଗୁଡ଼ିକର ଫଟୋଗୁଡ଼ିକ ଆକର୍ଷଣୀୟ ଲାଗୁଥିଲା। ଅନ୍ୟପକ୍ଷେ ସାଥୀର ଉତ୍ତରଗୁଡ଼ିକ ବି ମନଛୁଆଁ ହୋଇପାରୁଛି। ମଡେଲ୍ ମିରର୍‌ରେ ରିଗନ୍ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ 'ରାଜଧେର ଦୁର୍ଗ' ସମ୍ପର୍କରେ ନୂଆ ନୂଆ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*– ଭବାନୀ ଶଙ୍କର ମାଝି, ଛତାବର, ବ୍ରହ୍ମଗିରି, ପୁରୀ*

❖ଛୁଟିଦିନରେ ପ୍ରକାଶିତ ଛୋଟ, କିନ୍ତୁ ମଜାଳିଆ ଲେଖା ଯେମିତିକି 'ସତସତିକା ପୋର୍ଟ୍ରେଟ୍', 'ଦାମୀ ଡଲ୍ ହାଉସ୍', 'ଲାମାର ହାଇଜମ୍ପ୍‌ରେ ରେକର୍ଡ' ଏବଂ '୪୦୦ ସରୀସୃପଙ୍କୁ ରଖୁଛନ୍ତି ଘରେ' ଆଦି ପାଠଗୁଡ଼ିକ ମୋ ମନକୁ ବେଶ୍ ଛୁଇଁଥିଲା। ସେହିପରି ଯାତ୍ରା ସମ୍ପର୍କିତ ପାଠଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇପାରୁଛି।

*– କନକରାଣୀ ଦଳାଇ, ସମ୍ବଲପୁର*



### ବିଶେଷ ଚିଠି

ଧରିତ୍ରୀର ଛୁଟିଦିନ ପତ୍ରିକାଟେ
ପରି ଦେଖୁନାହିଁ କେଉଁଠାରେ,
ସମସ୍ତ ବର୍ଗର ପାଠକ ପାଇଁକି
ଲେଖାମାନ ରହିଛି ଏଥିରେ।
ମଡେଲ୍ ମିରର୍ କାର୍ଟୁନ୍ କର୍ନର
ମଜାଳିଆ ସାଥୀ ଉତ୍ତର,
ମଞ୍ଜୁମାୟା କଥା ବିବିଧା ବାରତା
ବଢ଼ିଆ ବ୍ୟାକ୍‌ପେଜ୍ ଖବର।

*– ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନିଆରା ମାରାଥନ୍ ରେକର୍ଡ



ନାତାଲି ଇର୍କଟ



ୱିମ୍ ହୋଫ



ଇବ୍ରାହିମ୍ ମୁକୁଙ୍ଗା ୱାଚିରା

ମାରାଥନ୍‌ରେ ଭାଗ ନେଇ ମାଇଲ୍ ମାଇଲ୍ ପଥ ଦୌଡିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। ଯେଉଁମାନଙ୍କର ମନୋବଳ ଦୃଢ, ଶରୀରରେ ସାମର୍ଥ୍ୟ ଆଉ ଜିତିବାର ଆତ୍ମବିଶ୍ୱାସ ଥାଏ, ସେମାନେ ହିଁ ଏଥିରେ ସାମିଲ ହୋଇ ବିଜୟୀ ହେବାର ସ୍ୱପ୍ନ ଦେଖିଥାନ୍ତି। ଆଉ ସେଥିପାଇଁ ସେମାନେ ଯେ କୌଣସି ପରିସ୍ଥିତିର ସାମ୍ନା କରିବାକୁ ମଧ୍ୟ ପ୍ରସ୍ତୁତ ଥାନ୍ତି। ଏଠାରେ ସେମିତି କେତେଜଣ ଚର୍ଚ୍ଚିତ ମହିଳା ଓ ପୁରୁଷଙ୍କ ସମ୍ପର୍କରେ ଉଲ୍ଲେଖ କରାଗଲା, ଯେଉଁମାନେ କି ମାରାଥନ୍‌ରେ ଭାଗ ନେଇ ଜିତିବା ପାଇଁ ଏମିତି କିଛି ଅଜବ କାମ କରିଛନ୍ତି ବା କରୁଛନ୍ତି, ଫଳରେ ସେମାନଙ୍କର ଲୋକପ୍ରିୟତା ଦିନକୁ ଦିନ ବଢିବାରେ ଲାଗିଛି...

## ସ୍କର୍ଟ ଓ ରବର ଚପଲ ପିନ୍ଧି ମାରାଥନ୍‌ରେ ଦୌଡ଼ିଲେ ଯୁବତୀ

ଗଭୀର ଆତ୍ମବିଶ୍ୱାସ ଏବଂ ଧୈର୍ଯ୍ୟ ବଳରେ ଅସମ୍ଭବ କାମ ବି ସମ୍ଭବ ହୋଇଥାଏ। ଆଉ ଯାହାକୁ ସତ ବୋଲି ପ୍ରମାଣିତ କରି ଦେଖାଇ ଦେଇଛନ୍ତି ମେକ୍ସିକୋର ଜଣେ ଯୁବତୀ ମାରିଆ ଲୋରିନା ରାମିରେଜ୍। ୨୦୧୭ରେ ମେକ୍ସିକୋରେ ଅନୁଷ୍ଠିତ ହୋଇଥିବା ୫୦ କି.ମି. ଅଲ୍‌ଟ୍ରା ମାରାଥନ୍ ଦୌଡ଼ରେ ସ୍କର୍ଟ, ଟପ୍ସ ଓ ପାଦରେ ଟାୟାର୍ ରବରରେ ତିଆରି ଚପଲ ପିନ୍ଧି ସେ ବିଜୟିନୀ ହେବା ସହିତ ଏକ ନୂଆ ଇତିହାସ ରଚିଛନ୍ତି। ଆଉ ସମାଜକୁ ଜଣାଇ ଦେଇଛନ୍ତି, ଯଦି ଜିତିବା ପାଇଁ ମନ ଭିତରେ ଦୃଢ଼ ଇଚ୍ଛାଶକ୍ତି ରହିଛି, ତା'ହେଲେ ଯେକୌଣସି ପ୍ରତିକୂଳ ପରିସ୍ଥିତିରେ ବି ପ୍ରତିଯୋଗିତା ଆରାମରେ ଜିତିହେବ। ସୂଚନାନୁଯାୟୀ, ମେକ୍ସିକୋରେ ହୋଇଥିବା ୫୦ କି.ମି. ଅଲ୍‌ଟ୍ରା ମାରାଥନ୍‌ରେ ୧୨ ଦେଶର ପ୍ରାୟ ୫୦୦ ଜଣ ଧାବିକା ଭାଗନେଇଥିଲେ। କିନ୍ତୁ ଏଥିରେ ଭାଗନେବା ପାଇଁ ମାରିଆଙ୍କ ପାଖେ ଆବଶ୍ୟକ ପୋଷାକ କିମ୍ବା ରନିଂ ଶୁ' ନ ଥିଲା। ଏପରି କି ମାରିଆ ଯେଉଁ ଚପଲ ପିନ୍ଧି ଏହି ଦୌଡ଼ରେ ଭାଗନେଇଥିଲେ, ତାହା ଟାୟାର୍ ରବରରେ ତିଆରି ହୋଇଥିଲା। ତା'ସାଙ୍ଗକୁ ସେ ପିନ୍ଧିଥିଲେ ସ୍କର୍ଟ ଆଉ ଟପ୍ସ। ସେହିପରି କୌଣସି ପ୍ରଫେଶନାଲ ଟ୍ରେନିଂ ବି ସେ ନେଇ ନ ଥିଲେ। ଏସବୁ ପରେ ବି ମାରିଆ ସମସ୍ତଙ୍କୁ ପଛରେ ପକାଇ ସଫଳତା ହାସଲ କଲେ। ୫୦ କି.ମି.ର ଏହି ମାରାଥନ୍ ଦୌଡ଼କୁ ସେ ମାତ୍ର ୭ ଘଣ୍ଟା ୩ ମିନିଟ୍‌ରେ ଶେଷକରି ଜିତିଲେ ଆଉ ପୁରସ୍କାର ସ୍ୱରୂପ ୩୨୦ ଡଲାର ପାଇଲେ। ତେବେ ଏହା କହିବା ହୁଏତ ଭୁଲ୍ ହେବ ନାହିଁ ଯେ, ଖୁବ୍ କମ୍ ସମୟ ଭିତରେ ଶୀଘ୍ର ଦୌଡିବାର କଳା ମାରିଆଙ୍କର ରକ୍ତରେ ହିଁ ରହିଛି। କାରଣ ସେ ହେଉଛନ୍ତି ତାରାହୁମାରା ଜନଜାତିର ଜଣେ ମହିଳା। ସାଧାରଣତଃ ଏହି ଜାତିର ଲୋକମାନେ ଦୌଡ଼ରେ ସର୍ବଦା ଭଲ ପ୍ରଦର୍ଶନ କରିଥାନ୍ତି ବୋଲି ମେକ୍ସିକୋରେ ଚର୍ଚ୍ଚା ହୋଇଥାଏ। ତା'ଛଡ଼ା ମାରିଆ ମେଣ୍ଢା ତଥା ଅନ୍ୟ ପାଳିତ ପଶୁଙ୍କୁ ଚରାଇବା କାମ ବି କରୁଥିଲେ, ଯେଉଁଥିପାଇଁ ତାଙ୍କୁ ପ୍ରତିଦିନ ପ୍ରାୟ ୧୦/୧୫ କି.ମି. ଚାଲିବାକୁ ପଡୁଥିଲା। ହୁଏତ ଏହି ଦୁଇଟି କାରଣ ପାଇଁ ମାରିଆଙ୍କୁ ଏହି ସଫଳତା ମିଳିଛି ବୋଲି ଅନେକେ ମତ ଦିଅନ୍ତି। ତେବେ ସେ ଯାହା ବି ହେଉ, କୌଣସି ପ୍ରଶିକ୍ଷଣ ନ ନେଇ ତଥା ଦୌଡ଼ ପାଇଁ ଆବଶ୍ୟକୀୟ ଉପକରଣ ନ ଥାଇ ବି ମାରିଆଙ୍କ ପରି ଜଣେ ସାଧାରଣ ଯୁବତୀ ନିଜର ଆତ୍ମବିଶ୍ୱାସ ବଳରେ ସଫଳତା ପାଇବା, ଏ ସମାଜ ପାଇଁ ଏକ ଉଦାହରଣ।

**ଜିତିବାର ନିଶା ଓ ଆତ୍ମବିଶ୍ୱାସ ପାଇଁ ମଣିଷ ଯେକୌଣସି ଅସମ୍ଭବକୁ ସମ୍ଭବ କରିପାରେ। ଯାହା କରି ଦେଖେଇଛନ୍ତି ଏହି ନିଆରା ମାରାଥନ୍ ଦୌଡାଳିମାନେ...**

## ମୋଜା ପିନ୍ଧି ମାରାଥନ୍ ଦୌଡ଼ିଲେ ଯୁବକ

ଇବ୍ରାହିମ୍ ମୁକୁଙ୍ଗା ୱାଚିରା ହେଉଛନ୍ତି କେନିଆର ଜଣେ ମାରାଥନ୍ ଦୌଡ଼ାଳି। ୨୦୧୭ରେ ଇଷ୍ଟୋନିଆରେ ଅନୁଷ୍ଠିତ ହୋଇଥିବା ତାର୍‌ତୁ ହାଫ୍ ମାରାଥନ୍‌ରେ ଭାଗନେଇ ସେ ଏମିତି ଇତିହାସ ରଚିଲେ ଯେ, ଯାହାର ଚର୍ଚ୍ଚା ଏବେ ବି ହେଉଛି। ମାରାଥନ୍ ହେବା ଦିନ ଠିକ୍ ସମୟରେ ଯାଇ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ ଇବ୍ରାହିମ୍। ପ୍ରତିଯୋଗିତା ଆରମ୍ଭ ହୋଇ ନ ଥିବାରୁ ସେ ତାଙ୍କର ରନିଂ ଶୁ'କୁ ଜଣେ ବ୍ୟକ୍ତିଙ୍କ ନିକଟରେ ଥୋଇଦେଇ କେବଳ ସକ୍ସ (ମୋଜା) ପିନ୍ଧି ସେହି ଆଖପାଖରେ ବୁଲୁଥାନ୍ତି। ପ୍ରତିଯୋଗିତା ଆରମ୍ଭ ପାଇଁ ହ୍ୱିସିଲ୍ ବାଜିବା କ୍ଷଣି ଇବ୍ରାହିମ୍ ଉକ୍ତ ବ୍ୟକ୍ତିଙ୍କ ନିକଟକୁ ଆସି ରନିଂ ଶୁ' ପିନ୍ଧିବାକୁ ଖୋଜିବାରୁ ତାଙ୍କୁ ତାଙ୍କ ଶୁ' ସେଠାରେ ମିଳି ନ ଥିଲା। ବିଚଳିତ ହୋଇପଡିଥିଲେ ଇବ୍ରାହିମ୍। କାରଣ ରନିଂ ଶୁ' ନ ଥିଲେ ସେ କିପରି ମାରାଥନ୍‌ରେ ଦୌଡିବେ ? ଶେଷରେ ନିଜର ଏହି ସମସ୍ୟା ସମ୍ପର୍କରେ ସେ ପ୍ରତିଯୋଗିତାର ଆୟୋଜକଙ୍କୁ ଜଣାଇଲେ। ଏପଟେ ପ୍ରତିଯୋଗିତାର ସମୟ ପାଖେଇ ଆସୁଥାଏ। ତେଣୁ ଆୟୋଜକ କୌଣସି ଉପାୟ ନ ପାଇ ପାଖାପାଖିରେ ଥିବା କେତେଜଣ ଦର୍ଶକଙ୍କୁ ଅନୁରୋଧ କଲେ, ଇବ୍ରାହିମ୍‌ଙ୍କୁ ସେମାନଙ୍କର ବୁଟ୍ କିମ୍ବା ଶୁ' ଟିକେ ପିନ୍ଧିବାକୁ ଦେବା ପାଇଁ। କାଳେ କାହାର ବୁଟ୍ କିମ୍ବା ଶୁ' ଇବ୍ରାହିମ୍‌ଙ୍କ ପାଦକୁ ଫିଟିଙ୍ଗ୍ ହୋଇଯିବ, ଯଦ୍ଦ୍ୱାରା ଇବ୍ରାହିମ୍ ତାକୁ ପିନ୍ଧି ପ୍ରତିଯୋଗିତାରେ ଭାଗନେଇପାରିବେ। ହେଲେ ତାଙ୍କ ପାଦକୁ କାହାର ବୁଟ୍ କିମ୍ବା ଶୁ' ଫିଟିଙ୍ଗ୍ ହେଲା ନାହିଁ। ଶେଷରେ ଆୟୋଜକମାନେ ଇବ୍ରାହିମ୍‌ଙ୍କୁ ଦୁଇଟି ଅପ୍ସନ ଦେଲେ। ଗୋଟିଏ ମାରାଥନ୍‌ରୁ ଓହରି ଯାଅ କିମ୍ବା କେବଳ ସକ୍ସ ପିନ୍ଧି ପ୍ରତିଯୋଗିତାରେ ଭାଗ ନିଅ। ବହୁ ଚିନ୍ତା କରି ଇବ୍ରାହିମ୍ ସକ୍ସ ପିନ୍ଧି ଦୌଡିବାକୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିନେଲେ। କିନ୍ତୁ ପ୍ରଥମେ ପ୍ରଥମେ ତାଙ୍କୁ ସକ୍ସ ପିନ୍ଧି ଦୌଡିବାରେ ବହୁତ କଷ୍ଟ ହେଲା। ତଥାପି ହାର୍ ମାନି ନ ଥିଲେ ସେ। ପ୍ରାୟ ୧୧ କି.ମି ରାସ୍ତା ଅତିକ୍ରମି ଯିବା ପରେ ଦେଖାଗଲା ଯେ, ଇବ୍ରାହିମ୍ ସମସ୍ତଙ୍କୁ ପଛରେ ପକାଇ ମାରାଥନ୍‌ରେ ସବୁଠୁ ଆଗରେ ଦୌଡୁଥିଲେ ଆଉ ଶେଷରେ ବିଜୟୀ ମଧ୍ୟ ହେଲେ। ନିଜର ଏହି ସଫଳତା ସମ୍ପର୍କରେ ସ୍ଥାନୀୟ ଏକ ମିଡିଆକୁ ଦେଇଥିବା ସାକ୍ଷାତ୍‌କାରରେ ଇବ୍ରାହିମ୍ କହିଥିଲେ, 'ସକ୍ସ ପିନ୍ଧି କିଛିବାଟ

→





ଗଣ୍ଡା ବେଶରେ ମାରାଥନ୍

ଦୌଡ଼ିବା ପର୍ଯ୍ୟନ୍ତ ମୋତେ କଷ୍ଟ ଲାଗିଲା। କିନ୍ତୁ ତା'ପରେ ଯେତେବେଳେ ଜିତିବାର ନିଶା ମୋ ଭିତରେ ବଢ଼ିଗଲା, ସେତେବେଳେ ରନିଂ ଶୁ' ପିନ୍ଧିକି କିମ୍ବା ସକ୍ସ ପିନ୍ଧି ଏ ପ୍ରତିଯୋଗିତା କେମିତି ଜିତିବି ସେ ସବୁ ଚିନ୍ତା ମୋ ମୁଣ୍ଡରୁ ଭୁଆଡ଼େ ଉଭେଇ ଗଲା। ସମସ୍ତଙ୍କୁ ପଛରେ ପକାଇ ଆଗକୁ କେମିତି ଯିବି ସେଇ ଲକ୍ଷ୍ୟରେ ମୁଁ ଖାଲି ଦୌଡ଼ି ଚାଲିଲି। ଶେଷରେ ସଫଳ ମଧ୍ୟ ହେଲି। ଏହା ପଛରେ ହୁଏତ ଭଗବାନଙ୍କ ଆଶୀର୍ବାଦ ଥିଲା।' ତେବେ ସେ ଯାହା ହେଉ ଗୋଟିଏ ମଧ୍ୟବିତ୍ତ ପରିବାରରୁ ଆସିଥିବା ଇବ୍ରାହିମ୍‌ଙ୍କୁ ଏହି ସଫଳତା ଆଜି ସମାଜରେ ଏକ ନୂଆ ପରିଚୟ ଦେଇଛି ଆଉ ତାଙ୍କର ଚର୍ଚ୍ଚା ଏବେ ବି ହେଉଛି।

### ଆଇସ୍ ମ୍ୟାନ୍‌ଙ୍କ ମାରାଥନ୍ ରେକର୍ଡ

ଭଗବାନ ଆମ ଶରୀରକୁ ଏମିତି ଗଢ଼ିଛନ୍ତି, ଯାହା ଜରୁରୀଠାରୁ ନା ଅଧିକ ଗରମ କିମ୍ବା ଅଧିକ ଥଣ୍ଡା ସହି ପାରିବ। କିନ୍ତୁ ଏ ଦୁନିଆରେ ଏମିତି ବି କେତେକ ଅଜବ ମଣିଷ ଅଛନ୍ତି, ଯେଉଁମାନେ ପ୍ରକୃତିର ନିୟମରୁ ବାହାରକୁ ଯାଇ ଏଭଳି କିଛି କାମ କରି ଦେଖାଇ ଦିଅନ୍ତି, ଯାହା ସମସ୍ତଙ୍କୁ ଚକିତ କରିଦିଏ। ଏଠାରେ ସେମିତି ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଚର୍ଚ୍ଚା କରାଯାଉଛି, ଯିଏ କି ଅତ୍ୟଧିକ ଥଣ୍ଡା ସହିବାରେ ଅନେକ ରେକର୍ଡ ସୃଷ୍ଟି କରିପାରିଛନ୍ତି। ଏଭଳି ପ୍ରତିଭାର ଅଧିକାରୀ ହେଲେ ୱିମ୍ ହୋଫ, ଯିଏ କି 'ଦି ଆଇସ୍ ମ୍ୟାନ୍' ଭାବେ ବେଶ୍ ଚର୍ଚ୍ଚିତ। ଜଣେ ସାଧାରଣ ମଣିଷଙ୍କ ତୁଳନାରେ ୱିମ୍‌ଙ୍କଠାରେ ଢେର୍ ଗୁଣା ଅଧିକ ଥଣ୍ଡା ସହିବାର ଅସାମାନ୍ୟ ଦକ୍ଷତା ରହିଛି। ସେଥିପାଇଁ ତ ୱିମ୍ ୨୬ଟି ବିଶ୍ୱ ରେକର୍ଡ ହାସଲ କରିବାରେ ସକ୍ଷମ ହୋଇପାରିଛନ୍ତି, ଯେଉଁଥିରେ ଦୁନିଆରେ ସବୁଠୁ ଅଧିକ ସମୟ ଧରି ଚାଲିଥିବା ଆଇସ୍ ବାଥ୍‌ର ରେକର୍ଡ ସାମିଲ ଅଛି। ତା'ଛଡ଼ା ୨୦୦୭ରେ କେବଳ ଶର୍ଟ୍ସ ଏବଂ ଜୋତା ପିନ୍ଧି ମାଉଣ୍ଟ ଏଭରେଷ୍ଟର ପ୍ରାୟ ୭୨୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ୱିମ୍ ଚଢ଼ି ଯାଇଥିଲେ। କିନ୍ତୁ ଗୋଡ଼ରେ ଆଘାତ ଲାଗିବାରୁ ସେ ଶିଖରରେ ପହଞ୍ଚି ପାରିଲେ ନାହିଁ। ହେଲେ ୨୦୦୮ରେ ୧ଘଣ୍ଟା ୧୩ ମିନିଟ୍ ଓ ୪୮ ସେକେଣ୍ଡ ପର୍ଯ୍ୟନ୍ତ ବରଫ ଭିତରେ ବୁଡ଼ିରହି ସେ ନିଜର ପୂର୍ବ ରେକର୍ଡକୁ ଭାଙ୍ଗିବା ସହ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ହାସଲ କଲେ। ସେହିପରି ୨୦୦୯ ଫେବୃୟାରୀରେ ୱିମ୍ ପୁଣି ଶର୍ଟ୍ସ ପିନ୍ଧିକି ମାଉଣ୍ଟ କିଲିମାଞ୍ଜାରୋ ଶିଖରରେ ପହଞ୍ଚିବାରେ ସଫଳ ହେଲେ ଏବଂ ତା'ପରେ ଫିନ୍‌ଲାଣ୍ଡରେ ମାଇନସ୍ ୨୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ବି କମ୍ ତାପମାତ୍ରାରେ ଆଇସ୍ ମାରାଥନ୍ ପୁରା କରିବାରେ ସେ ରେକର୍ଡ କଲେ। ପ୍ରାୟ ୫ ଘଣ୍ଟା ୨୫ ମିନିଟ୍ ଧରି ଚାଲିଥିବା ଏହି ମାରାଥନ୍‌ରେ ଭାଗ ନେଲାବେଳେ ୱିମ୍ ଶର୍ଟ୍ସ ଛଡ଼ା ଆଉ କିଛି ବି ପିନ୍ଧି ନ ଥିଲେ। ଏହାପରେ ୨୦୧୧ରେ ଜାପାନର ଟୋକିଓରେ ୧ଘଣ୍ଟା ୪୪ ମିନିଟ୍ ଧରି ବରଫ ଭିତରେ ଠିଆହୋଇ ୱିମ୍ ଆଉ ଏକ ରେକର୍ଡ କଲେ। କେବଳ ଏତିକି ନୁହେଁ, ୱିମ୍‌ଙ୍କ ନାମରେ ଯୋଡ଼ି ହୋଇ ରହିଛି ଆହୁରି ଅନେକ ରେକର୍ଡ, ଯାହାକୁ ନେଇ ସେ ଦିନକୁ ଦିନ ଅଧିକ ଚର୍ଚ୍ଚିତ ହେବାରେ ଲାଗିଛନ୍ତି। ତେବେ ଏଭଳି ପ୍ରତିଭା ତାଙ୍କ ଭିତରେ କେମିତି ଆସିଲା, ସେ ନେଇ ଏକ ମିଡିଆକୁ ଦେଇଥିବା ସାକ୍ଷାତ୍‌କାରରେ ୱିମ୍ କହିଥିଲେ, 'ମୁଁ ବହୁ ବର୍ଷ ଧରି ଯୋଗ ଓ ମେଡିଟେଶନ୍‌ର ଅଭ୍ୟାସ କରିଛି। ନିଜ ମନ ଓ ଶରୀରକୁ ସନ୍ତୁଳିତ ଅବସ୍ଥାରେ କେମିତି ରଖାଯାଏ, ସେ କଳା ବି ଶିଖିଛି। ତା'ଛଡ଼ା ନିଃଶ୍ୱାସ ଓ ପ୍ରଶ୍ୱାସକୁ ନିୟନ୍ତ୍ରଣରେ ରଖିବାର କୌଶଳ ମଧ୍ୟ ମୋତେ ଜଣାଅଛି। ଆଉ ସେଥିପାଇଁ ହିଁ ମୁଁ ବିନା ପୋଷାକରେ ବହୁ ସମୟ ଧରି ବରଫ ଭିତରେ ଆରାମରେ ରହିପାରେ। ତେଣୁ ଯେଉଁମାନେ ବି ଏଭଳି କୌଣସି କାର୍ଯ୍ୟ କରୁଥାନ୍ତି କିମ୍ବା କରିବାକୁ ଇଚ୍ଛା ରଖିଥାନ୍ତି, ସେମାନଙ୍କୁ ଏଥିପାଇଁ ରୀତିମତ ଅଭ୍ୟାସ କରିବା ଦରକାର। ବିନା ଅଭ୍ୟାସରେ ଏଭଳି କାର୍ଯ୍ୟ କଲେ ତାହା ହାନିକାରକ ହେବା ସହିତ ଜୀବନଘାତୀ ମଧ୍ୟ ହୋଇଥାଏ।'

### ଗଣ୍ଡା ବେଶରେ ମାରାଥନ୍ ଦୌଡ

୨୬.୨ ମାଇଲ୍ ପର୍ଯ୍ୟନ୍ତ ମାରାଥନ୍ ଦୌଡ଼ିବା ସେତେ ସହଜ କଥା ନୁହେଁ। ଆଉ ତା'ସାଙ୍ଗକୁ ଯଦି କୁହାଯାଏ, ଅବିକଳ ଗଣ୍ଡା ଭଳି ଦେଖାଯିବା ପାଇଁ ପ୍ରାୟ ୨୨ ପାଉଣ୍ଡ ଓଜନ ବିଶିଷ୍ଟ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧି ମାରାଥନ୍ ଦୌଡ଼ିବାକୁ ହେବ, ତା'ହେଲେ ତ ତାହା ଆହୁରି କଷ୍ଟଦାୟକ ଅନୁଭବ ହୁଏ। କିନ୍ତୁ ଏଭଳି କଷ୍ଟଦାୟକ କାମକୁ ଅତି ସହଜରେ କରି ଦେଖାଇ ଦେଇଥିଲେ






ପ୍ରାୟ ୧୫ ଜଣ ପ୍ରତିଯୋଗୀ, ଯେଉଁମାନେ କି ୨୦୧୩ ଲଣ୍ଡନ ମାରାଥନ୍‌ରେ ଭାଗ ନେଇଥିଲେ। ଏକ ଚାରିଟି ପାଇଁ ପଇସା ଯୋଗାଡ କରିବା ସଙ୍ଗେସଙ୍ଗେ ସମାଜରେ ସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଏଭଳି ଏକ ନିଆରା ଥିମ୍‌କୁ ସେମାନେ ଆପଣେଇଥିଲେ। ସେହି ୧୫ ଜଣ ପ୍ରତିଯୋଗୀ ଗୋଟିଏ ଅର୍ଗାନାଇଜେଶନ୍‌ର କର୍ମଚାରୀ ଥିଲେ, ଆଉ ସେହି ଅର୍ଗାନାଇଜେଶନ୍ ତରଫରୁ ମଝିରେ ମଝିରେ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିଲା। ସୂଚନାନୁଯାୟୀ, ସେ ସମୟରେ ଗଣ୍ଡା ଶିକାର ଖୁବ୍ ଜୋର୍‌ରେ ହେଉଥିଲା। ଏମିତି ଚାଲିଲେ କିଛିଦିନ ମଧ୍ୟରେ ଏହି ପ୍ରାଣୀ କାଳେ ବିଲୋପ ହୋଇଯିବେ ସେ ନେଇ ଜନସଚେତନତା ସୃଷ୍ଟି କରାଇବା ଉଦ୍ଦେଶ୍ୟରେ ଉକ୍ତ ଅର୍ଗାନାଇଜେଶନ ତରଫରୁ ଏଭଳି ଅଭିନବ ପ୍ରୟାସ କରାଯାଇଥିଲା। ଏ ନେଇ ମାରାଥନ୍ ଆୟୋଜକଙ୍କଠାରୁ ବିଧିବଦ୍ଧ ଅନୁମତି ମଧ୍ୟ ଅଣାଯାଇଥିଲା। ଫଳରେ କାର୍ଯ୍ୟକ୍ରମଟି ସଫଳ ହେଲା। ଏଭଳି ଏକ ନିଆରା ଢଙ୍ଗରେ ମାରାଥନ୍ ଦୌଡ଼ା ଯାଇଥିବାରୁ ସେ ସମୟରେ ଏହାର ବେଶ୍ ଚର୍ଚ୍ଚା ମଧ୍ୟ ହୋଇଥିଲା।

### ୫ଟି ସନ୍ତାନଙ୍କ ମା'ଙ୍କର ହାଇହିଲ୍ ପିନ୍ଧି ମାରାଥନ୍ ଦୌଡ

ହାଇହିଲ୍ ପିନ୍ଧି ମାରାଥନ୍‌ରେ ଦୌଡ଼ି ବିଶ୍ୱ ରେକର୍ଡ କରିବାର ନିଶା ହିଁ ନାତାଲି ଇର୍କଟଙ୍କୁ ଆଜି ଦେଶବିଦେଶରେ ପରିଚିତି ଦେଇଛି। ନାତାଲି ଥିଲେ ଜଣେ ଗୃହିଣୀ ଆଉ ୫ଟି ସନ୍ତାନର ମା'। ଖେଳ ପ୍ରତି ଥିଲା ତାଙ୍କର ଗଭୀର ଶ୍ରଦ୍ଧା। ତା'ଛଡ଼ା ହାଇହିଲ୍ ପିନ୍ଧିବାର ସଉକ ବି ସେ ରଖୁଥିଲେ। ଏପରିକି ଗର୍ଭଧାରଣ ସମୟରେ ମଧ୍ୟ ସେ ହାଇହିଲ୍ ବ୍ୟବହାର କରୁଥିଲେ। ଯେଉଁଥିପାଇଁ ତାଙ୍କ ସାଙ୍ଗସାଥୀ ତାଙ୍କୁ ଅନେକ ସମୟରେ ଥଟ୍ଟା ପରିହାସ କରୁଥିଲେ। କିନ୍ତୁ ସେହି ହାଇହିଲ୍ ପିନ୍ଧିବାର ସଉକ ଯେ ତାଙ୍କୁ ଦିନେ ବିଶ୍ୱ ଦରବାରରେ ଏକ ନିଆରା ପରିଚୟ ଦେବ, ସେ କଥା ନାତାଲି କେବେ ସ୍ୱପ୍ନରେ ବି ଭାବି ନ ଥିଲେ। ଥରେ ସେ ଶୁଣିବାକୁ ପାଇଲେ, ଜର୍ମାନୀର ଜଣେ ମହିଳା ହାଇହିଲ୍ ପିନ୍ଧି ୧୦୦ ମିଟର ଦୌଡ ପ୍ରତିଯୋଗିତାରେ ଭାଗ ନେଇ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ମଧ୍ୟ ଏମିତି କିଛି ରେକର୍ଡ କରିବାକୁ ଆଗ୍ରହ ଜାତ ହେଲା। ଶେଷରେ ନାତାଲି ନିଷ୍ପତ୍ତି ନେଲେ, ହାଇହିଲ୍ ପିନ୍ଧି ମାରାଥନ୍‌ରେ ଦୌଡ଼ିବେ। ଆଉ ଏହି ଅଜବ ନିଶା ହିଁ ତାଙ୍କୁ ଲୋକପ୍ରିୟତା ଆଣି ଦେଇଥିଲା।

ଶେଷରେ କେବଳ ଏତିକି କୁହାଯାଇପାରେ, ଜିତିବାର ନିଶା ଓ ଆତ୍ମବିଶ୍ୱାସ ହିଁ ଆମ ଭିତରେ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇବା ପାଇଁ ସାହସ ଦେଇଥାଏ। ଖାସ୍ ସେଇଥିପାଇଁ ତ ଏଠାରେ ଉଲ୍ଲେଖ କରାଯାଇଥିବା ବ୍ୟକ୍ତି ବିଶେଷମାନେ ମାରାଥନ୍ ଭଳି ଦୌଡ ପ୍ରତିଯୋଗିତାରେ ଭାଗ ନେଇ ଜିତିବା ଆଶାରେ ଏମିତି କିଛି କାମ କରିଯାଇଛନ୍ତି, ଯଦ୍ୱାରା ସେମାନେ ଆଜି ସମାଜ ଆଖିରେ ଜଣେ ଜଣେ ଚର୍ଚ୍ଚିତ ଚେହେରା ପାଲଟିଯାଇଛନ୍ତି।

**– ଅମ୍ରିତା**


ମାରିଆ ଲୋରିନା ରାମିରେଜ

# ଅଜବ ସ୍ଥାପତ୍ୟ











**କଳାକାରଙ୍କ ପ୍ରତ୍ୟେକଟି ସୃଷ୍ଟିରେ ଭରି ରହିଥାଏ ଅଦ୍ଭୁତ ସୃଜନଶୀଳତା। କେବେ ସେଥିରେ ବାସ୍ତବ ଜୀବନର ଛାପ ଦେଖିବାକୁ ମିଳେ ତ ଆଉ କେବେ ଅନନ୍ୟ କାଳ୍ପନିକତା। ଯେମିତିକି କିଛି ସ୍ଥପତି ଏଭଳି ସ୍ଥାପତ୍ୟ ଗଢ଼ିଛନ୍ତି, ଯାହା ବାରବାର ଚକିତ କରାଉଛି ସାରା ବିଶ୍ୱକୁ...**

**ଷଣ୍ଢ ବାୟୁତ୍ୟାଗ କରୁଥିବା ପ୍ରତିମୂର୍ତ୍ତି–** ଚାଇନାର ଆର୍ଟିଷ୍ଟ ଚେନ୍ ୱେନ୍‌ଲିଙ୍ଗ ହେଉଛନ୍ତି ଏହି ଅଜବ ପ୍ରତିମୂର୍ତ୍ତିର ନିର୍ମାତା, ଯାହାକି ବେଜିଂ ଆର୍ଟ ଗ୍ୟାଲେରିରେ ଅଛି। ଏଥିରେ ଏକ ଷଣ୍ଢ ଉଗ୍ରରୂପ ଧାରଣ କରି ବିସ୍ଫୋରକ ବାୟୁ ତ୍ୟାଗ କରି ଏକ ଦାନବକୁ ଭୁଷି କାନ୍ଥରେ ପିଟି ଦେଉଥିବା ଦେଖିବାକୁ ମିଳେ। ଉକ୍ତ ସ୍ଥାପତ୍ୟରେ ଦାନବ ପ୍ରତିମୂର୍ତ୍ତିଟି ୱାଲଷ୍ଟ୍ରିଟ୍‌ର ଫାଇନାନ୍ସିୟର୍ ବର୍ନାର୍ଡ ମାଡୋଫ୍‌ଙ୍କୁ ସୂଚାଏ, ଯେକି ଆମେରିକା ଇତିହାସରେ ହୋଇଥିବା ସବୁଠାରୁ ବଡ଼ ଠକେଇ ତଥା ପଞ୍ଜି ସ୍କିମ୍‌ର ପରିଚାଳକ ଥିଲେ। ଯେଉଁଥିପାଇଁ ଆମେରିକାର ଆର୍ଥିକ ସ୍ଥିତି ଦୋହଲି ଯାଇଥିଲା ଓ ତାଙ୍କୁ ୧୫୦ ବର୍ଷର ଜେଲଦଣ୍ଡ ହୋଇଥିଲା। ଆଉ ଏଥିରେ ଥିବା ଶକ୍ତିଶାଳୀ ଷଣ୍ଢଟି ନ୍ୟୁୟର୍କର ୱାଲଷ୍ଟ୍ରିଟ୍‌କୁ ଦର୍ଶାଏ।

**ଭୂମି ସନ୍ତରଣକାରୀ–** ଲଣ୍ଡନ, ଥେମ୍ସ ନଦୀର ଦକ୍ଷିଣ ତଟରେ ଟାୱାର ବ୍ରିଜ୍ ଓ ସିଟି ହଲ୍ ମଝିରେ ଅଛି ଏହି ବିରାଟକାୟ ସ୍ଥାପତ୍ୟ। ଏହାକୁ ଦେଖିଲେ ଲାଗେ ସତେଯେମିତି ଜଣେ ବ୍ୟକ୍ତି ଘାସ ମଧ୍ୟରେ ସନ୍ତରଣ କରୁଛନ୍ତି। ସ୍ଥାପତ୍ୟଟିର ଲମ୍ବ ୪୬ ଫୁଟ ଓ ଉଚ୍ଚତା ୧୦ ଫୁଟ ଅଟେ।

**ବିଲ୍ଡିଂ ଉପରକୁ ଚଢୁଥିବା ନଗ୍ନ ବୁଦ୍ଧଙ୍କ ସ୍ଥାପତ୍ୟ–** ଚାଇନା, ସାନ୍‌ଡୋଙ୍ଗ ପ୍ରାନ୍ତସ୍ଥିତ ଜିନାନ୍‌ରେ ଥିବା ଏକ ରେଷ୍ଟୁରାଣ୍ଟ କାନ୍ଥରେ ଦୁଇଟି ବିରାଟକାୟ ନଗ୍ନ ବୁଦ୍ଧଙ୍କର ସ୍ଥାପତ୍ୟ ଦେଖିବାକୁ ମିଳୁଥିଲା। ସେଥିରୁ ଗୋଟିଏରେ ଏକ ନଗ୍ନ ବୁଦ୍ଧ ସ୍ଥାପତ୍ୟ କାନ୍ଥରେ ଚଢୁଥିବାବେଳେ ଅନ୍ୟ ସ୍ଥାପତ୍ୟଟି ଛାତ ଉପରେ ଥାଇ ଅପେକ୍ଷାରେ ଥିବା ପରି ଦେଖାଯାଏ। ଏହି ସ୍ଥାପତ୍ୟ ଦେଖିବାକୁ କୌତୂହଳମୟ ଲାଗିଲେ ବି ଅନେକଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଥିଲା। ଆଉ ଏହାକୁ ବିରୋଧ କରାଯାଇଥିଲା। ଫଳରେ ତାକୁ ବାହାର କରିଦିଆଗଲା।

**ଆକାଶକୁ ଚାଲିବା–** ଟେକ୍ସାସରେ ଥିବା ଏହି ସ୍ଥାପତ୍ୟକୁ ନିର୍ମାଣ କରିଛନ୍ତି ଜୋନାଥନ୍ ବୋରୋଫସ୍କି। ଟେକ୍ସାସ୍, ଡାଲାସ୍ଥିତ 'ନାଶର୍ ସ୍କଲ୍ପଚର୍ ସେଣ୍ଟର'ରେ ଅଛି ଏହି ସ୍ଥାପତ୍ୟ। ଏହାର କପି ପେନ୍‌ସିଲଭାନିଆ ଓ ସିଓଲରେ ବି ଅଛି। ୭ ଟନ୍‌ର ଏହି ସ୍ଥାପତ୍ୟରେ ଦେଖିବାକୁ ମିଳେ ଏକ କୁନି ଝିଅ, ଜଣେ ବିଜନେସ୍ ଓମେନ୍, ଜଣେ ଯୁବକ ଓ ଅନ୍ୟ କିଛି ବ୍ୟକ୍ତି ଭୂମିରୁ ଆକାଶକୁ ଲମ୍ବିଥିବା ୧୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଖମ୍ବରେ ଆକାଶକୁ ଯାଉଥିବାର ଦୃଶ୍ୟ। ପିଲାଦିନେ ବାପାଙ୍କଠାରୁ ଶୁଣିଥିବା ଏକ ଗପରୁ ବୋରୋଫସ୍କି ଏହି ସ୍ଥାପତ୍ୟ ନିର୍ମାଣ କରିବାର ଯୋଜନା କରିଥିଲେ।

**ଶୁଣ୍ଢରେ ଠିଆ ହୋଇଥିବା ହାତୀ–** ଏହା ଏମିତି ଏକ ସ୍ଥାପତ୍ୟ, ଯାହାକୁ ଦେଖିଲେ ଯେ କେହି ବି ଚକିତ ହେବା ସ୍ୱାଭାବିକ। ମାଧ୍ୟାକର୍ଷଣ ଶକ୍ତିର ସମ୍ପୂର୍ଣ୍ଣ ବିପରୀତ ରହିଛି ଏଥିରେ। ଏକ ବିରାଟକାୟ ହାତୀ(ଉର୍‌ସା) ନିଜ ଶୁଣ୍ଢରେ ନିଜର ବିରାଟକାୟ ଶରୀରକୁ ଟେକି ଧରିଥିବା ଦେଖିବାକୁ ମିଳେ ଏହି ସ୍ଥାପତ୍ୟରେ। ଫ୍ରାନ୍ସ, ପ୍ୟାରିସ୍‌ର ଫଣ୍ଟେନେବ୍ଲୁ କ୍ୟାସେଲ୍‌ରେ ଅଛି ଏହି ସ୍ଥାପତ୍ୟ, ଯାହାକୁ ନିର୍ମାଣ କରିଛନ୍ତି ଡାନିଏଲ ଫରମ୍ୟାନ୍।

**ଅଧା ଶରୀର ନ ଥିବା ଭ୍ରମଣକାରୀ–** ଫ୍ରାନ୍ସର ବ୍ରୁନୋ କାଟାଲୋନୋ ତିଆରି କରିଥିଲେ ୧୦ଟି ବ୍ରୋଞ୍ଜର ସ୍ଥାପତ୍ୟ, ଯାହାର ନାଁ 'ଦି ଭୋୟେଜର୍ସ' ବା 'ଭ୍ରମଣକାରୀ'। ଏଥିରେ କିଛି ବ୍ୟକ୍ତି ବ୍ୟାଗ୍ ଧରି ଯାଉଥିବା ଦେଖିବାକୁ ମିଳେ। ତେବେ କୌତୂହଳର କଥା ହେଉଛି, ମୂର୍ତ୍ତିର ଏକ ବଡ଼ ଅଂଶ ଏଥିରେ ନାହିଁ। ତଥାପି ତାହା ଠିଆହୋଇ ରହିଛି। ମାଧ୍ୟାକର୍ଷଣ ଶକ୍ତିର ବିପରୀତ ଏହି ସ୍ଥାପତ୍ୟ ଫ୍ରାନ୍ସରେ ଅଛି।







# ଦେବେଶ ରଞ୍ଜନ








ସ୍ୱପ୍ନ ସମସ୍ତେ ଦେଖନ୍ତି। ମାତ୍ର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାର ସାମର୍ଥ୍ୟ ସମସ୍ତଙ୍କର ନ ଥାଏ। ତେବେ ଏମିତି ଜଣେ ଜଣେ ଆସନ୍ତି, ଯେଉଁମାନେ ସ୍ୱପ୍ନକୁ କେବଳ ବାସ୍ତବତାର ରଙ୍ଗ ଦିଅନ୍ତି ନାହିଁ; ଅଧିକନ୍ତୁ ସେମାନେ ଅନ୍ୟମାନଙ୍କ ପାଇଁ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ପାଲଟି ଯାଆନ୍ତି। ସେମିତି ଜଣେ ପ୍ରତିଭାଧର ତରୁଣ ହେଉଛନ୍ତି ଦେବେଶ ରଞ୍ଜନ। ସଂକ୍ଷେପରେ ଦେବେଶ ଜଣେ ଫିଲ୍ମ ପର୍ସନାଲିଟି। ଅଭିନୟ ତାଙ୍କର ପ୍ରେମିକ। କଳା ହେଉଛି ପ୍ରେମ। ହୁଏତ ଓଡ଼ିଶାର ଦର୍ଶକ ବା ଲୋକମାନଙ୍କ ପାଇଁ ଦେବେଶ ନୂଆ ହେଇପାରନ୍ତି; ମାତ୍ର ଓଡ଼ିଶା ବାହାର ଲୋକଙ୍କ ପାଇଁ ଦେବେଶ ଏକ ଅତି ପରିଚିତ ନାମ। ତାଙ୍କ ପରିଚୟ ଦେବାକୁ ଯାଇ ଏତିକି କହିଲେ ଯଥେଷ୍ଟ ହେବ ଯେ, ଭୁଟାନର ଫିଲ୍ମମେକର ଖେଣ୍ଟସେ ନର୍ବୁଙ୍କର ପ୍ରସିଦ୍ଧ ଇଂଲିଶ ଫିଚର ଫିଲ୍ମ 'ବର- ଏ ବ୍ଲେଶିଂ'ର ସେ ହେଉଛନ୍ତି ନାୟକ।

**ବର- ଏ ବ୍ଲେଶିଂ:** ପ୍ରସିଦ୍ଧ ଷ୍ଟୋରି ଟେଲର ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଏକ ଗଳ୍ପକୁ ଆଧାର କରି ପସ୍ତୁତ ହୋଇଛି ଫିଲ୍ମ 'ବର- ଏ ବ୍ଲେଶିଂ'। ଅର୍ଥାତ ଆଶୀର୍ବାଦ। ଫିଲ୍ମରେ ରହିଛି ସମଗ୍ର ବିଶ୍ୱକୁ ଭାରତୀୟ ଆଧ୍ୟାତ୍ମିକତାର ଏକ ବାର୍ତ୍ତା। ଏକ ମୂର୍ତ୍ତି କାରିଗର ଘରର ପୁଅ ହେଉଛି ଶ୍ୟାମ, ଯିଏ ସ୍ୱପ୍ନ ଦେଖୁଛି ଭବିଷ୍ୟତରେ ଜଣେ ବଡ଼ ସ୍ଥପତି ହେବ। ସେହି ଗାଁର ଏକ ମନ୍ଦିରର ଦେବଦାସୀ ହେଉଛି ଲୀଳା। ଲୀଳାର ଜୀବନ କୃଷ୍ଣଙ୍କ ପ୍ରତି ସମର୍ପିତ। ମାତ୍ର ଅବଲୀଳାକ୍ରମେ ଶ୍ୟାମ ପ୍ରତି ଆକର୍ଷିତ ହୋଇଉଠେ ଲୀଳା। ତା' ଦୃଷ୍ଟିରେ ଶ୍ୟାମ ଗୋଟେ ନୀଚ ଜାତିର ଯୁବକ ନୁହେଁ। ସେ ହେଉଛି ତା' ପାଇଁ ମନ୍ଦିରର ଗିରିଧର ନାଗର। ଲୀଳା ମନର ଏ ଫାଣ୍ଟାସି ତାକୁ ଆଧ୍ୟାତ୍ମିକତାର ଏକ ଉଚ୍ଚତର ସୋପାନକୁ ନେଇଯାଏ। ମାତ୍ର ଆମ ସମାଜ କ'ଣ ଏଭଳି ଏକ ଦିବ୍ୟ ସମ୍ପର୍କକୁ ଗ୍ରହଣ କରିପାରେ। ଏଭଳି ଏକ ଅତି ସମ୍ବେଦନଶୀଳ କାହାଣୀକୁ ଫିଲ୍ମର ରୂପ ଦେଇଥିଲେ ଭୁଟାନର ଫିଲ୍ମମେକର ଖେଣ୍ଟସେ ନର୍ବୁ। ଆଉ ଶ୍ୟାମ ଭୂମିକା ପାଇଁ ସେ ଚୟନ କରିଥିଲେ ଦେବେଶଙ୍କୁ। ଦେବେଶଙ୍କ ବିପକ୍ଷରେ ଲୀଳା ଭୂମିକାରେ ଅଭିନୟ କରିଥିଲେ ବଲିଉଡ୍ ଆକ୍ଟ୍ରେସ୍ ଆହାନା ଗୋସ୍ୱାମୀ।

**ପିଲାବେଳ କଥା:** ଯାଜପୁରର ଜରଦା ଗ୍ରାମରେ ଜନ୍ମିତ ଦେବେଶଙ୍କ ରକ୍ତରେ ଥିଲା ଅଭିନୟ। ସେଥିଲାଗି ସେ ପିଲାଟିବେଳୁ କଳା ପ୍ରତି ସମର୍ପିତ ହୋଇଥିଲେ। ଅମିତାଭ ବଚ୍ଚନ, ମିଥୁନ୍ ଚକ୍ରବର୍ତ୍ତୀଙ୍କ ଫିଲ୍ମ ସହିତ ଓଡ଼ିଆ ଅଭିନେତା ଶ୍ରୀରାମ ପଣ୍ଡା ଏବଂ ଉତ୍ତମ ମହାନ୍ତିଙ୍କ ଫିଲ୍ମ ଦେଖିବାକୁ ପାଗଳ ହୋଇଯାଉଥିଲେ। ସେଥିଲାଗି ସ୍କୁଲ୍‌ରୁ ଲୁଚି ଲୁଚି ଫିଲ୍ମ ଦେଖିବାକୁ ଚାଲିଯାଉଥିଲେ। ଅଭିନୟ ପ୍ରେମରେ ପଡ଼ିଥିବା ଦେବେଶ ଯେ ଓଡ଼ିଆ ପ୍ରଯୋଜକ ବା ନିର୍ଦ୍ଦେଶକଙ୍କୁ ଭେଟିନାହାନ୍ତି, ସେକଥା ନୁହେଁ। ମାତ୍ର ଓଡ଼ିଶାରେ ପ୍ରତିଭାକୁ ସମ୍ମାନ ବା କାହିଁ। ଏଠି ସଂଘର୍ଷ କରୁଥିବା କଳାକାରମାନେ ଜଣେ ଜଣେ ଶ୍ମଶାନ ତୁଳସୀ। ତେଣୁ ସେ ମୁମ୍ବାଇ ଚାଲିଯିବାକୁ ଉଚିତ ମଣିଲେ।

**ମୁମ୍ବାଇ ଓ ଦିଲୀପ ଶଙ୍କର:** କୁହାଯାଏ, ମୁମ୍ବାଇ ଏମିତି ଏକ ସହର ସେ ଯାହାକୁ ଆପଣେଇନିଏ ତା'ର ଭାଗ୍ୟ ବଦଳିଯାଏ। ମୁମ୍ବାଇରେ ତାଙ୍କର ଭେଟହୁଏ 'ଲାଇଫ୍ ଅଫ୍ ପାଇ'ର କାଷ୍ଟିଂ ଡିରେକ୍ଟର ଦିଲୀପ ଶଙ୍କରଙ୍କ ସହିତ। ପ୍ରତିଭା ଚିହ୍ନିବାରେ ଓସ୍ତାଦ୍ ଦିଲୀପ ଦେଖୁଦେଖୁ ପରଖି ନିଅନ୍ତି ଦେବେଶଙ୍କୁ। ଅବଶ୍ୟ ମୁମ୍ବାଇରେ ବେଶ୍ ଷ୍ଟ୍ରଗଲ କରିବାକୁ ପଡ଼େ ତାଙ୍କୁ। ହାରି ନ ଯାଇ ସଂଘର୍ଷ ଜାରି ରଖନ୍ତି ଦେବେଶ। ଏଭଳି ଏକ ପରିପ୍ରେକ୍ଷୀରେ ନର୍ବୁଙ୍କର ଆରମ୍ଭ ହୁଏ 'ବର- ଦି ବ୍ଲେଶିଂ'ର ଯୋଜନା। ସେ ଏକ ନୂଆ ମୁହଁ ଖୋଜୁଥାନ୍ତି। ଦିଲୀପ ଶଙ୍କର ତାଙ୍କୁ ଦିଅନ୍ତି ଦେବେଶଙ୍କ ଠିକଣା। ଆଉ ତା'ପରେ ଯାହା ହୁଏ ତାହା ହେଉଛି ଇତିହାସ।

**ଦେବେଶଙ୍କ 'ଭୋର':** ଦେବେଶ ଅଭିନୟ କରିଥିବା ଆଉ ଏକ ଫିଚର ଫିଲ୍ମ ହେଉଛି 'ଭୋର'। ନାରୀ ଅଧିକାରକୁ ନେଇ ତିଆରି ହୋଇଛି ଭୋର। ମୁସାହର ନାମକ ଏକ ଗାଁର ଯୁବକ ସୁଗାନ୍; ଯିଏ ଭଲ ପାଇବସେ ବୁଧନୀକୁ। ବୁଧନୀ ହେଉଛି ଏମିତି ଜଣେ ଯୁବତୀ, ଯିଏ ନାରୀର ଅଧିକାର ସୁରକ୍ଷା ପାଇଁ କାମ କରୁଥାଏ। ପ୍ରେମ ପାଲଟେ କର୍ତ୍ତବ୍ୟ। ଏଭଳି ଏକ ସାମାଜିକ ବାର୍ତ୍ତା ସମ୍ବଳିତ କାହାଣୀରେ କାମ କରି ଦେବେଶ କେବଳ ଆତ୍ମତୃପ୍ତି ପାଇନାହାନ୍ତି; ଅଧିକନ୍ତୁ ନିଜର ପରିଚିତିକୁ ସାବ୍ୟସ୍ତ କରିପାରିଛନ୍ତି।

ଜଣେ ଓଡ଼ିଆ ପୁଅର ଅନ୍ତର୍ଜାତୀୟ ଫିଲ୍ମ ଯାତ୍ରା ଯେତିକି ସଂଘର୍ଷମୟ ସେତିକି ରୋମାଞ୍ଚକର। ଦେବେଶଙ୍କର ଏ ଯାତ୍ରା ଆଗକୁ ଜାରି ରହି ଓଡ଼ିଶା ପାଇଁ ଗର୍ବ ଆଉ ଗୌରବ ଆମଦାନୀ କରିବ, ଏଥିରେ ଦ୍ୱିରୋକ୍ତି ହେବାର ପ୍ରଶ୍ନ ଉଠୁନାହିଁ।

–ରାଜେନ୍ଦ୍ର ରାଉଳ



# କାହ୍ନାର ବଂଶୀ ସ୍ୱନେ

– ନଗେନ୍ଦ୍ର ନାଥ ପଟ୍ଟନାୟକ

କାହ୍ନାର ବଂଶୀ ସୁରେ
ଶ୍ରୀରାଧା ପାଗଳିନୀ
ଏମିତି ବିରଳ ଛବିଳ ଦୃଶ୍ୟଟେ
ଭାସିବୁଲେ ଶୂନ୍ୟରେ।
ଘରୁ ଗୋଡ଼ କାଢ଼ି
ପାଦଚଲାରେ ନିମଗ୍ନ
ବିସ୍ମରି ତନୁ ବୃନ୍ଦାବନ
ମାଡ଼ିଚାଲେ ଆଗକୁ ରାଧାମାଇଁ।
ଓଠେ ବେଣୁର ସ୍ୱନ
ଭରିଦିଏ ବେନି ନୟନରେ
ଢଳଢଳ ତତଲା ଲୁହ
ଉଡିବୁଲେ ମୃଦୁ ମଳୟରେ
ଭେଟିବା ଲାଗି ଭକ୍ତିପ୍ଳୁତ ହୃଦୟକୁ ।
ଏଇ ତ ପରମ ସତ୍ୟ
ରାଧା ତୁମଠି, ରାଧା ମୋ'ଠି
ଏଇଠି, ସେଇଠି, ସବୁଠି।
ଦଣ୍ଡାୟମାନ ଦେବଗଣ
ବୃଷ୍ଟିକରନ୍ତି ଆଞ୍ଜୁଳା, ଆଞ୍ଜୁଳା
ଇନ୍ଦ୍ରଧନୁ ରଞ୍ଜିତ ସୁଗନ୍ଧିତ ପୁଷ୍ପ
ଦିଗନ୍ତ ବିସ୍ତାରୀ ବିଶାଳ ଆକାଶରୁ
ଅପଲକ ନୟନରେ
ଭକ୍ତି ଅର୍ଘ୍ୟରେ ।
ତେବେ ମହାମିଳନର ସେଇ ଶୁଭଲଗ୍ନକୁ
ପ୍ରତୀକ୍ଷା କରିବାକୁ ପଡ଼ିବ
ନିର୍ମଳ ମନକୁ
ଆଉ କଳୁଷମୁକ୍ତ ହୃଦୟକୁ।

*–ଜଗମୋହନ ନଗର, ଜାଗମରା,*
*ଖଣ୍ଡଗିରି, ଭୁବନେଶ୍ୱର*



# ପ୍ରେମକୁ ନେଇ ଦୁଇଟି ମିନିଗଳ୍ପ

– ମାଧବାନନ୍ଦ ପାତ୍ର

## ପ୍ରେମ–୧

ଆଜି ଦିନ ୧୦ଟାରେ ପ୍ରେମିକା ମୋର ଫୋନ୍ କଲା ମୁଁ ଗାଧୋଇବାକୁ ଗଲାବେଳେ। ଯିବା ବେଳେ କହିଦେଇଗଲି ଗାଧୋଇ ସାରି ଫେରିବା କ୍ଷଣି ତାକୁ ଫୋନ୍ କରିବାକୁ। ୧୧ଟାରେ ଗାଧୋଇ ସାରି ଫୋନ୍ କଲି। ସେ ରାଗିଯାଇ କହିଲା– ଘଣ୍ଟାଏ ହେଲା ଗାଧୋଉଥିଲ ନା ଶୋଇପଡ଼ିଥିଲ ବାଥ୍‌ରୁମ୍‌ରେ ? ସବୁଦିନ ତମର ଗାଧୋଇବାରେ ଘଣ୍ଟାଏ ଯାଏ ?

ମୁଁ ହସିଦେଇ କହିଲି– ବାଥ୍‌ରୁମ୍‌ରେ ଘଣ୍ଟାଏ ବିତାଏ ବୋଲି ତ ତମେ ପଢ଼ିପାର ମୋ କବିତା। ଆଉ ମୋତେ ଭଲପାଅ ଅଧିକା।

ବାସ୍, ସେ ହସିଦେଲା ଫିକ୍‌କରି।

## ପ୍ରେମ–୨

ଆଜି ଦଶହରା ଭସାଣି ପାଇଁ କଟକ ବାଦାମବାଡ଼ି ଛକରେ ଚାଲିଥିଲା ମେଲୋଡ଼ି ନାଇଟ୍। ସଦ୍ୟ ଯୌବନା ସୁନ୍ଦରୀ ଝିଅଟିଏ ଅର୍ଦ୍ଧ ଉଲଗ୍ନ ପୋଷାକ ପିନ୍ଧି ନାଚୁଥିଲା ଷ୍ଟେଜରେ ହସିହସି। ନାଚ ଉପଭୋଗ କରିବା ଭିତରେ ଚିହ୍ନା ଚିହ୍ନା ଲାଗିଲା ସେ ମୁହଁଟି। ମନେ ପଡ଼ିଗଲା ଗତକାଲି ନିଜ ସ୍ୱାମୀର ଦେହ ଚିକିତ୍ସା ପାଇଁ ସେ ଅପରିଷ୍କାର ଲୁଗା ପିନ୍ଧି ଲୋକଙ୍କ ପାଖକୁ ପଇସା ମାଗିବାକୁ ଗଲାବେଳେ ତା'ର ଚିରାଶାଢ଼ିରୁ ବାହାରକୁ ଦିଶୁଥିବା ଦେହକୁ ଲୁଚାଇ ଦଉଥିଲା ହାତରେ।

*– ଜ୍ଞାନମନ୍ଦିର କଲେଜ ପାଖ,*
*ମଦନପୁର, କେନ୍ଦ୍ରାପଡ଼ା*

# ଆଗପରି ଆଉ ଭଲ ଲାଗୁନାହିଁ

– ରାଜେଶ ପୂଜାରୀ

ଆଗପରି ଆଉ ଭଲ ଲାଗୁନାହିଁ
ଅଳସୀ ଜହ୍ନର ରାତି
ଶୁଭୁନାହିଁ ଆଉ ଦୂର ଝାଉଁବଣେ
ନିଶାଚରୀ ମଧୁଗୀତି... ॥୦॥

ମଧୁର ମୁରଲୀ ଆଉ ବାଜୁନାହିଁ
ଘୁଙ୍ଗୁର ନିକ୍ୱଣ ସୁର ତୋଳୁନାହିଁ
ବିରହୀ ହୃଦୟ ଭିଜୁଛି ଲୁହରେ
ଶୋଇ ସମୟର ଛାତି... ॥୧॥

ନୀଳ ନୟନା ମୋ ସାଥେ ନାହିଁ ବୋଲି
ଜୀବନ ମୋ ହେଲା ମରୁଚରା ଧୂଳି
ମନ ଆଇନାରୁ ଉଙ୍କି ମାରୁଥାଏ
ସ୍ୱପ୍ନଭିଜା କେତେ ସ୍ମୃତି... ॥୨॥

*– କୁଶମେଲ, ଝାରସୁଗୁଡ଼ା*

# ଫଟାକା

– କର୍ଣ୍ଣ ଗହୀର

ଝନ୍‌ଝନ୍ ହୋଇ ପଡ଼ିଗଲା
ତାକୁ ଚିହ୍ନି ଗୋଟେଇ ନେଲ
ଖଡ଼ଖଡ଼ ଶବ୍ଦରୁ ବୁଝିଗଲ
ମୋଟା ଅଙ୍କର ଗଣତି
ହେଲେ... ଢୋ ଢୋ ଶବ୍ଦରୁ
ବୁଝି ତ ପାରିଥିବ
'ଟଙ୍କା'ର ହୃଦୟ ପୋଡ଼ା
ବୀଭତ୍ସ ଗର୍ଜନ ॥

କ'ଣ ସେଥିରେ ତମେ ଖୁସି ?
ଆନନ୍ଦର ଜନ୍ମ
କ'ଣ ସେଇଠି ?
ଥରେ ଝାଳକୁ ଚିହ୍ନ
ଝାଳକୁ ଚାଖ
ଝାଳକୁ ମାଖ
ଝାଳରେ ଗାଧୋଇ କୁହ
ଟଙ୍କାର ଏ ବ୍ୟବହାର
ଭୁଲ୍ କି ନୁହଁ ॥

ଏଇ ଦେଖୁନ
ଦୂଷିତ ହେଲା ଶବ୍ଦ, ବାୟୁ
ଅସନା ହେଲା ଦାଣ୍ଡ ଦୁଆର
ବରଂ ଅଳିଆ ଆବର୍ଜନାକୁ
ଗୋଟେଇପାରେ ଯିଏ
ତା'ହାତକୁ ବଢ଼େଇଦିଅ
କିଛି ଦାନା, କିଛି କନା
ବାସ୍ ॥

– ସିର୍ଜାପାଲି, କେସିଙ୍ଗା, କଳାହାଣ୍ଡି





ସମରେଶ



ଶାହରୁଖ-ଆନନ୍ଦ

# ଆନନ୍ଦଙ୍କ ପ୍ରଶଂସାରେ ଶାହରୁଖ

କିଙ୍ଗ ଖାନ୍ ଶାହରୁଖ ଏବେ ନିର୍ଦ୍ଦେଶକ ଆନନ୍ଦ ଏଲ. ରାଇଙ୍କ ପ୍ରଶଂସାରେ ଶତମୁଖ। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହିନ୍ଦୀ ସିନେମା 'ଜିରୋ'ର ଟ୍ରେଲର ରିଲିଜ ସମୟରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ଏଥିରେ ଶାହରୁଖ ଜଣେ ବାମନ ଭୂମିକାରେ ଅଭିନୟ କରୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦ ଶାହରୁଖ, କ୍ୟାଟ୍ରିନା ଏବଂ ଅନୁଷ୍କାଙ୍କ ପରିଶ୍ରମକୁ ଭୁରି ଭୁରି ପ୍ରଶଂସା କରିଥିଲେ। ଏହାର ଉତ୍ତରରେ ଆନନ୍ଦଙ୍କୁ କିଛି କମ୍ ପ୍ରଶଂସା କରି ନ ଥିଲେ ଶାହରୁଖ। ସେ କହିଥିଲେ, 'ଆମେ ପରିଶ୍ରମ କରିଛୁ ସତ, ହେଲେ ସେସବୁ ପଛରେ ଯାହାଙ୍କର ଅସଲ ପ୍ରେରଣା ଆଉ ଉଦ୍ୟମ ରହିଛି ସେ ହେଲେ ଆନନ୍ଦ। ଶୁଟିଂ ସମୟରେ ତାଙ୍କ ସହ ଅନେକ ସୁମଧୁର ଘଟଣା ଘଟିଥିଲା, ଯାହା ସବୁଦିନ ପାଇଁ ମନେ ରହିବ।' ଏହି ଫିଲ୍ମରେ ଶାହରୁଖଙ୍କ ଚରିତ୍ରଟି ହେଲା ବାଉଆ ସିଂ। ଅନ୍ୟପକ୍ଷରେ ଅନୁଷ୍କା ଶର୍ମା ଜଣେ ବୈଜ୍ଞାନିକ ଏବଂ କ୍ୟାଟ୍ରିନା ଜଣେ ଆଲକୋହୋଲିକ ସୁପରଷ୍ଟାର ବବିତା କୁମାରୀ ରୋଲରେ ଦେଖାଦେବେ। ଗୌରୀ ଖାଁଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମଟି ଚଳିତ ବର୍ଷ ଡିସେମ୍ବର ୨୧ରେ ରିଲିଜ ହେବାକୁ ଯାଉଛି।



କୀର୍ତ୍ତି

# ଅଫରକୁ ଅପେକ୍ଷା

ସୁପରହିଟ୍ ଫିଲ୍ମ 'ବାହୁବଲୀ' ଏବଂ 'ମଗଧିରା'ର ନିର୍ଦ୍ଦେଶକ ଏସ.ଏସ. ରାଜମୌଳି ଏବେ ଟେନ୍‌ସନରେ। ତାଙ୍କର ଆଗାମୀ ଫିଲ୍ମ 'ଆରଆରଆର' ପାଇଁ ନାୟକ ଚୟନ ସିନା ସରିଗଲା, ହେଲେ ନାୟିକା ହେବ କିଏ ? ଏଥିରେ ରାମ ଚରଣ ଏବଂ ଜୁନିୟର ଏନଟିଆର ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତେବେ ଏମାନଙ୍କ ସହ ଜଣେ ଚୁଲବୁଲି ନାୟିକା ସନ୍ଧାନରେ ଅଛନ୍ତି ନିର୍ଦ୍ଦେଶକ। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ କୀର୍ତ୍ତି ସୁରେଶଙ୍କ ସହ ଯୋଗାଯୋଗ କରାଯାଇଛି। ଯଦିଓ ଏ ନେଇ ପ୍ରଯୋଜନା ସଂସ୍ଥା ପକ୍ଷରୁ କିଛି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ, ହେଲେ ସେପଟେ କୀର୍ତ୍ତି ଏଥିପାଇଁ ଗୋଡ ଟେକି ବସିଛନ୍ତି। ପୁଣି ଯଦି ଆବଶ୍ୟକ ପଡେ ଏହି ପ୍ରୋଜେକ୍ଟ ପାଇଁ ସେ ନିଜ ରେମୁନେରେଶନ କମାଇବାକୁ କୁଆଡେ ତୟାର। ତେବେ ଏହି ସିନେମାରେ କିଏ ନାୟିକା ସାଜିବ ତାହା ୧୦-୧୫ଦିନ ମଧ୍ୟରେ ଜଣାପଡିଯିବ ବୋଲି ରାଜମୌଳି ସୂଚନା ଦେଇଛନ୍ତି। ନିକଟରେ ଏହି ଫିଲ୍ମର ମହୁରତ ଅନୁଷ୍ଠିତ ହୋଇଥିଲା। ତାମିଲ ମେଗାଷ୍ଟାର ଚିରଞ୍ଜୀବୀ ମହୁରତ କ୍ଲାପ ଦେଇଥିଲେ। ଫିଲ୍ମଟର ବଜେଟ ରହିଛି ୩୦୦କୋଟି ଏବଂ ଏହା ୨୦୨୦ରେ ରିଲିଜ ହେବ ବୋଲି କହିଛନ୍ତି ନିର୍ଦ୍ଦେଶକ।

# ଭୟାଜୀ ଭରସା

ବୁଡିଯାଉଥିବା ଲୋକଟିଏ ଯେମିତି କୁଟାଖିଅକୁ ଭରସା କରେ ଠିକ୍ ସେହିପରି ହିନ୍ଦୀ ସିନେମା 'ଭୟାଜୀ ସୁପରହିଟ୍'ର ହିଟ୍ ହେବ ବୋଲି ଆଶା ରଖିଛନ୍ତି ଏହାର ଅନ୍ୟତମ ନାୟିକା ଅମିଷା ପଟେଲ। ତାଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କହୋନା ପ୍ୟାର ହେ'ରୁ। ତା'ପରେ ଗଦ୍ଦର-ଏକ ପ୍ରେମ କଥା' ପରି ସୁପରହିଟ୍ ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ହେଲେ ଏହାର କ୍ରେଡିଟ୍ ଯାଇଥିଲା ସନ୍ନି ଦେଓଲଙ୍କୁ। ତେବେ ତା'ପରେ ଅମିଷା କେତୋଟି ସିନେମାରେ ଅଭିନୟ କରିଥିଲେ ମଧ୍ୟ ନାୟିକା ଦୌଡରେ ସାମିଲ ହେବାର ତାଙ୍କର ସ୍ୱପ୍ନ କେବଳ ଆଶାରେ ହିଁ ରହିଯାଇଥିଲା। ନିଜ କ୍ୟାରିୟରକୁ ନେଇ ଅମିଷା କହନ୍ତି, 'ଭୟାଜୀ ସୁପରହିଟ୍'ର କାହାଣୀ ମନକୁ ଛୁଇଁଲା ଭଳି। ବିଶେଷ ଭାବରେ ଏଥିରେ ମୋତେ ଯେଉଁ କ୍ୟାରେକ୍ଟର ମିଳିଛି ତାକୁ ନେଇ ଅନେକ ଆଶା ରହିଛି। ବାକି ସବୁ କିଛି ଦର୍ଶକଙ୍କ ଉପରେ ନିର୍ଭର କରେ।' ନୀରଜ ପାଠକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମରେ ସନ୍ନି ଦେଓଲ, ପ୍ରୀତି ଜିଣ୍ଟା, ଇଭଲିନ୍ ଶର୍ମା, ଅର୍ସଦ ୱାର୍ସି, ଶ୍ରେୟସ ତଲ୍‌ପଡେ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ଅମିଷା

# ମ୍ୟାରେଜ ଚକ୍କରରେ ସମରେଶ

ସମରେଶ ରାଉତରାୟ। ଭୂମିକା ଯାହା ହେଉ ନା କାହିଁକି ତାକୁ ନେଇ ଆଣି ଥୋଇବାରେ ସେ କେତେ ସିଦ୍ଧହସ୍ତ ତାହାର ନଜିର ଅନେକ ରହିଛି। ହେଲେ ଏବେ ସେ ମ୍ୟାରେଜ ଚକ୍କରରେ ଅଛନ୍ତି। କେମିତି ସୋନିକୁ ବାହା ହେବେ ସେ ନେଇ ପୂରା ଦମ୍‌ରେ ଲାଗିପଡିଛନ୍ତି। ଆରେ ଏ କ'ଣ ? ସେ ପରା କିଛି ବର୍ଷ ପୂର୍ବରୁ ହାତକୁ ଦି' ହାତ ହୋଇସାରିଛନ୍ତି। କଥା କ'ଣ କି ତାଙ୍କର ପୁଣି ଥରେ ମ୍ୟାରେଜ କରିବା କଥା ସତ, ହେଲେ ତାହାର ସଂଯୋଗ ରହିଛି ଆସନ୍ତା ମାସରେ ରିଲିଜ ଅପେକ୍ଷାରେ ଥିବା ଓଡ଼ିଆ ସିନେମା 'ପ୍ରେମ ପାଇଁ ମହାଭାରତ'ରେ। ଏଥିରେ ସେ ଧର୍ମରାଜ ଯୁଧିଷ୍ଠିର ଅର୍ଥାତ ପଞ୍ଚୁ ପାଣ୍ଡବଙ୍କ ବଡ ଭାଇ ଭୂମିକାରେ ଅଭିନୟ କରିଛନ୍ତି। ଚରିତ୍ର ଅନୁସାରେ ସେ ମିଛ କହିବାରେ ଏକ୍ସପର୍ଟ। ଘଟଣାକ୍ରମରେ ଭାଇମାନଙ୍କ ସହ ସେ ସୋନି ନାମ୍ନୀ ଜଣେ ଝିଅକୁ ନଦୀରେ ଭାସିଯାଉଥିବା ଅବସ୍ଥାରେ ଉଦ୍ଧାର କରନ୍ତି। ଆଉ ତା'ପରେ ଆରମ୍ଭ ହୁଏ ବିବାହ ନାଟକ। ତାକୁ କେମିତି ବାହା ହେବେ ସେ ନେଇ ଗୋଟିଏ ପରେ ଗୋଟିଏ ମିଛ କହି ଚାଲନ୍ତି। ତେବେ ସେ ଏଭଳି ମିଶନରେ ସଫଳ ହୁଅନ୍ତି ତ ? ଏହାର ଉତ୍ତର ସିନେମା ଦେଖିଲେ ହିଁ ପାଇବେ। ଏହି ଫିଲ୍ମରେ ରିୟା (ସୋନି), ପିଣ୍ଟୁ ନନ୍ଦ (ଭୀମ), ଶ୍ରୀତମ ଦାସ (ଅର୍ଜୁନ), ବବି ମିଶ୍ର (ଦୁର୍ଯ୍ୟୋଧନ)ଭୂମିକାରେ ଦେଖାଦେଉଥିବା ବେଳେ ନାୟକ ସାଜିଛନ୍ତି ସମ୍ବିତ। ନାୟକ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଫିଲ୍ମର ପ୍ରଯୋଜନା ପ୍ରଦୀପ ପ୍ରକାଶ ଆଚାର୍ଯ୍ୟ କରିଛନ୍ତି ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ନିରଞ୍ଜନ ବେହେରା।

# ଟିକେ ଅପେକ୍ଷା କରନ୍ତୁ ନା



ନିକ୍ ଜୋନାସ-ପ୍ରିୟଙ୍କା

ନିକଟରେ ବଲିଉଡ୍‌ର ଚର୍ଚ୍ଚିତ ପ୍ରେମୀ ଯୁଗଳ ରଣବୀର ସିଂ ଏବଂ ଦୀପିକା ପାଦୁକୋନ୍ ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଛନ୍ତି। ଆଉ ଏବେ ପ୍ରିୟଙ୍କା ଚୋପ୍ରା ତାଙ୍କ ପ୍ରେମିକ ନିକ୍ ଜୋନାସଙ୍କୁ ବିବାହ କରିବାକୁ ଯାଉଛନ୍ତି। ଏହି ମ୍ୟାରେଜ ସେରିମନିରେ କ'ଣ କ'ଣ ସ୍ପେଶାଲ ରହିଛି ସେ ନେଇ କେବଳ ପ୍ରିୟଙ୍କା ନୁହଁନ୍ତି ତାଙ୍କ ମା' ମଧୁ କେବଳ ଗୋଟିଏ ଉତ୍ତର ଦେଉଛନ୍ତି- 'ଟିକେ ଅପେକ୍ଷା କରନ୍ତୁ ନା ! ମ୍ୟାରେଜ ସମୟରେ ସବୁ କିଛି ଜାଣିପାରିବେ।' ବିବାହ ଉତ୍ସବ ରାଜସ୍ଥାନର ଯୋଧପୁର ସହରର ପ୍ରସିଦ୍ଧ ଉମେଦ ଭବନରେ ଚଳିତବର୍ଷ ଡିସେମ୍ବର ୨ରେ ଅନୁଷ୍ଠିତ ହେବାର ଯୋଜନା ରହିଛି। ଏହା ହେଉଛି ମଧୁଙ୍କର ସବୁଠୁ ପ୍ରିୟ ସହର। ସେଠାରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟର ତଦାରଖ ନିଜେ ମଧୁ ହିଁ କରୁଛନ୍ତି। ଏହି ହାଇପ୍ରୋଫାଇଲ ମ୍ୟାରେଜରେ ଦୁଇ ପରିବାରର ନିକଟ ସମ୍ପର୍କୀୟଙ୍କ ବ୍ୟତୀତ ସଲମାନ ଖାଁ, ରଣବୀର କପୁର, ଆଲିଆ ଭଟ୍ଟ, ଫରହାନ ଅଖତର, ସିଦ୍ଧାର୍ଥ ରୟ କପୁରଙ୍କ ବ୍ୟତୀତ ବଲିଉଡ୍‌ର ଅନେକ ସେଲିବ୍ରିଟି ଉପସ୍ଥିତ ରହିବେ। ସୂଚନାଯୋଗ୍ୟ ସେମାନଙ୍କର ନିର୍ବନ୍ଧ ଆଗରୁ ସରିଯାଇଛି।

## ପ୍ରଥମ ରୋଜଗାର



ଜଳବିଦ୍ୟୁତ୍ ନିଗମରେ ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ କାର୍ଯ୍ୟରତ **ପ୍ରଭାକର ମହାନ୍ତି** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଟ୍ୟୁଶନରୁ ହୋଇଥିଲା ପ୍ରଥମ ରୋଜଗାର

କଟକ ଜିଲା ହରିଅନ୍ତା ଗାଁରେ ମୋ ଜନ୍ମ। ସ୍ଥାନୀୟ ଗବବସ୍ତ ଉଚ୍ଚ ବିଦ୍ୟାଳୟରୁ ୧୯୭୫ରେ ମାଟ୍ରିକ୍ ପାସ୍ କରିବା ପରେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ଆଇ.ଏସ୍‌ସି ଏବଂ ରେଭେନ୍ସାରେ ବି.କମ୍ ପଢ଼ିଲି। ଏହାପରେ କଟକସ୍ଥିତ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଇଣ୍ଟରମେଡିଏଟ୍ କଷ୍ଟ ପଢ଼ିବା ସହିତ ଲ'ରେ ବି ଆଡ୍‌ମିଶନ ନେଇଥିଲି। ଏହି ସମୟରେ ପଢ଼ା ଖର୍ଚ୍ଚ ଉଠାଇବା ପାଇଁ ଦଶମ ତଥା ଆଇ.କମ୍ ଓ ବି.କମ୍ ପିଲାଙ୍କୁ ଟ୍ୟୁଶନ କରିବା ଆରମ୍ଭ କଲି। ଏଥିରୁ ୭୫ ଟଙ୍କା ପ୍ରଥମ ରୋଜଗାର ହେଲା। ସେତେବେଳେ ମେସ୍‌ରେ ରହୁଥାଏ। ଗୋଟେ ପିଲା ମେସ୍ ଛାଡିବାର ଥାଏ। ତେଣୁ ସେହି ୭୫ ଟଙ୍କାରେ ମୁଁ ସେ ପିଲା ପାଖରୁ ତା'ର ପୁରୁଣା ଖଟ, ଚେୟାର ଏବଂ ଟେବୁଲ ମୋ ଚଳିବା ପାଇଁ କିଣି ଆଣିଥିଲି। ତା'ଛଡ଼ା ଇଣ୍ଟରମେଡିଏଟ୍ କଷ୍ଟ ପଢ଼ା ସମୟରେ ଓଡ଼ିଶା ଷ୍ଟେଟ ଫାଇନାନ୍ସ କର୍ପୋରେଶନରେ ଫାଇନାନ୍ସ ଆସିଷ୍ଟାଣ୍ଟ ଭାବେ ପ୍ରାୟ ୩/୪ ମାସ କାମ ବି କରିଥିଲି। ଆଉ ପଢା ସରିବା ପରେ ଓଡ଼ିଶା ଡ୍ରଗ୍ସ ଆଣ୍ଡ କେମିକାଲ୍ସ ଲିମିଟେଡ୍‌ରେ କଷ୍ଟ ଆସିଷ୍ଟାଣ୍ଟ ଭାବେ ବର୍ଷେ ଚାକିରି କରି ୧୯୮୪ରେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲି. ରେ ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଅଫ୍ କଷ୍ଟ ପଦବୀରେ ନିଯୁକ୍ତି ପାଇଲି। ପ୍ରାୟ ୩୦ ବର୍ଷ ଏହି ସଂସ୍ଥାରେ କାମ କରିଛି। ଅବଶ୍ୟ ତାରି ଭିତରେ ୧୯୮୬ରେ ଫାଇନାଲ କଷ୍ଟ ପାସ୍ କରିବା ପରେ ମୋତେ ଅନେକ ପ୍ରମୋଶନ ବି ମିଳିଛି। ଆସିଷ୍ଟାଣ୍ଟ କଣ୍ଟ୍ରୋଲର ଅଫ୍ କଷ୍ଟରୁ ଆସିଷ୍ଟାଣ୍ଟ ମ୍ୟାନେଜର, ତା'ପରେ ଡେପୁଟି ମ୍ୟାନେଜର, ସିନିୟର ଡେପୁଟି ମ୍ୟାନେଜର, ମ୍ୟାନେଜର, ସିନିୟର ମ୍ୟାନେଜର, ଡେପୁଟି ଜେନେରାଲ ମ୍ୟାନେଜର ଆଉ ଶେଷରେ ଜେନେରାଲ ମ୍ୟାନେଜର ପଦବୀରେ ଥାଇ ୨୦୧୪ରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌କୁ ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ ବଦଳି ହୋଇ ଆସିଲି। ତେବେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲି. ରେ କାମ କରିବା ସମୟରେ ମୋତେ କେତୋଟି ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ଯେମିତି କି- କୋଣାର୍କ ଝୋଟକଳର ମ୍ୟାନେଜିଂ ଡାଇରେକ୍ଟର, ବିଟ୍ ସ୍ୟାଣ୍ଡ ପ୍ରୋଜେକ୍ଟର ଡାଇରେକ୍ଟର, କର୍ପୋରେଟ୍ ପ୍ଲାନିଂର ମୁଖ୍ୟ ପଦବୀ ତଥା ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଲି. ଅଧୀନରେ ଥିବା ପ୍ରାୟ ସମସ୍ତ କମ୍ପାନୀର ଡାଇରେକ୍ଟର ଭାବେ ବି ଦାୟିତ୍ୱ ତୁଲାଇଥିଲି। ଏହାପରେ ନୀଳାଚଳ ଇସ୍ପାତ ନିଗମ ଲି.ରେ ଦୁଇବର୍ଷ କାମ କରିବା ପରେ ଚାକିରି ଛାଡ଼ି ଆସି ଜଳବିଦ୍ୟୁତ୍ ନିଗମରେ ଜଏନ୍ କଲି। ଏବେ ଏହି ଜଳବିଦ୍ୟୁତ୍ ନିଗମରେ ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ କାମ କରିବା ସହିତ ଗତ ୫ ମାସ ହେବ ତାପଜ ବିଦ୍ୟୁତ୍ ନିଗମର ମଧ୍ୟ ଡାଇରେକ୍ଟର ଅଫ୍ ଫାଇନାନ୍ସ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଅଛି। ତା'ଛଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟ୍ସ ଅଫ୍ ଇଣ୍ଡିଆର ୨୦୦୪-୦୫ ବର୍ଷ ପାଇଁ ପ୍ରଥମ ଓଡ଼ିଆ ଭାବେ ଭାଇସ୍-ପ୍ରେସିଡେଣ୍ଟ ଏବଂ ୨୦୦୬-୦୭ ପାଇଁ ପ୍ରେସିଡେଣ୍ଟ ହେବାର ସୌଭାଗ୍ୟ ବି ମୁଁ ପାଇଛି। ଏ ତ ଥିଲା ମୋ ଚାକିରି ଜୀବନ କଥା। ଏହା ବାଦ୍ ଗପ, କବିତା ଲେଖିବାରେ ମଧ୍ୟ ମୋର ବିଶେଷ ରୁଚି ରହିଛି। ସେହିପରି ମଝିରେ ମଝିରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ତଥା ମ୍ୟାନେଜ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ଯାଇ ମ୍ୟାନେଜ୍‌ମେଣ୍ଟ ଓ ଫାଇନାନ୍ସ ଉପରେ ବକ୍ତୃତା ଦେବା ସହିତ କେତେକ ସମାଜ ମଙ୍ଗଳ କାମ ବି କରୁଛି।

# ଉଦାସେ ବସିଛି ମଉନାବତୀ, ବିରହେ ବିତୁଛି ଚାନ୍ଦିନୀ ରାତି

**ପ୍ରଶ୍ନ**–ସୁନ୍ଦରୀଟିଏ ମନକୁ ମାରି ବସିଛି। ତାକୁ ଦେଖି ମୋ ମନ ଆନ୍ଦୋଳିତ ହେଉଛି। ସେ ଏମିତି କାହିଁକି ଚୁପଚାପ ବସିଛି ଜାଣିପାରୁନାହିଁ।

*–ରଞ୍ଜନ ମଲ୍ଲିକ, ପାରାଦୀପ, ଜଗତ୍‌ସିଂପୁର*

**ଉତ୍ତର:** 'ଉଦାସେ ବସିଛି ମଉନାବତୀ, ବିରହେ ବିତୁଛି ଚାନ୍ଦିନୀ ରାତି'। କଥାରେ ଅଛି – ଅପେକ୍ଷାର ଫଳ ମିଠା। ସୁନ୍ଦରୀ ଝିଅଟିଏ କାହିଁକି ମନମାରି ବସିଛି, ତାହା ତାକୁ ଜଣା। ଯଦି ଆପଣ ଜାଣିବାକୁ ଚାହୁଁଛନ୍ତି ତେବେ ସେହି ନିରବତାକୁ ଭାଙ୍ଗି ତା' ସହ ପଦେ କଥା ହୁଅନ୍ତୁ ନା ! ହୁଏତ ଏହାଦ୍ୱାରା ତାହାର ଭାରାକ୍ରାନ୍ତ ମନ ଟିକେ ହାଲ୍‌କା ହେବ।

**ପ୍ରଶ୍ନ**–କହିବେ କି ସାଥୀ, ମୋ ଯିବା ବାଟରେ ପ୍ରତ୍ୟେକ ଦିନ ଝିଅଟିଏ ହସି ହସି ଚାଲିଯାଏ କାହିଁକି ?

*–ମାନା ବେହେରା, ଖଣ୍ଡାଏତା, କଟକ*

**ଉତ୍ତର:** ଜଣେ ଝିଅ ଯଦି ତା' ବାଟରେ ହସି ହସି ଗଲା ତେବେ ସେନେଇ ଆମେ ଉଲ୍ଲସିତ ହେବା କେତେଦୂର ଠିକ୍ ଚିନ୍ତା କରନ୍ତୁ। ଯଦି ଆପଣଙ୍କ ଆଡ଼କୁ ଚାହିଁ ହସିଲା ତେବେ ତା' ଭିତରେ କିଛି କଥା ରହିଛି। ସେ ହସରେ ହୁଏତ ପ୍ରେମ ଲୁଚି ରହିପାରିଥାଏ। ହେଲେ ତାକୁ ଠିକ୍ ଭାବରେ ପଢ଼ିପାରିଲେ ଲାଭ ନ ହେଲେ ସେକଥା ଆପଣ ବସି ଭାବୁଥିବେ। ସେପଟେ ସେ ସୁନ୍ଦରୀ ମନକୁ ଆଉ କିଏ ଚୋରି କରି ନେଇଯିବଣି।

**ପ୍ରଶ୍ନ**–କହିବେ କି ସାଥୀ, ମଦ ଦୋକାନ ସମ୍ମୁଖରେ 'ମଦ୍ୟପାନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ' ବୋଲି କାହିଁକି ଲେଖାଥାଏ ?

*–ବିଜୁ ସାହୁ, ଭୂମିକା ଭେରାଇଟି ଷ୍ଟୋର, ନାଗବାଲି ବଜାର, କଟକ*

**ଉତ୍ତର:** କେବଳ ମଦ ନୁହେଁ, ଅନେକ ଜିନିଷ ପ୍ରତି ଆମକୁ ସର୍ତ୍ତକ ରହିବାକୁ ସୂଚନା ଦିଆଯାଇଥାଏ। କେତେକେ ଜାଣିଶୁଣି ତାହାକୁ ଆପଣେଇ ନେଇଥାଆନ୍ତି। ନିଶାଦ୍ରବ୍ୟ ସେବନ ଆମ ପାଇଁ କେତେ କ୍ଷତିକାରକ ତାହା ଅନେକେ ତ ଜାଣନ୍ତି, ହେଲେ ତାହା କବଳରେ ପଡି କେତେକ ଅକାଳ ମୃତ୍ୟୁକୁ ଡାକି ଆଣିଥାଆନ୍ତି। ତେଣୁ ଏଭଳି ସୂଚନାକୁ ସତର୍କ ଘଣ୍ଟି ଭାବି ସଜାଗ ରହିବା ଆମ ଉପରେ ହିଁ ନିର୍ଭର କରେ।

**ପ୍ରଶ୍ନ**–ବିବାହ ପରେ ମୁଁ ଜଣେ ଝିଅ ପ୍ରେମରେ ପଡିଯାଇଛି। କ'ଣ କରିବି କିଛି ଜାଣିପାରୁନାହିଁ।

*–ଜି. ନାଥ, ବାଲେଶ୍ୱର*

**ଉତ୍ତର:** ବିବାହ ପରେ ଆଉ ଜଣେ ଝିଅ ସହ ପ୍ରେମରେ ପଡ଼ିବା ଅର୍ଥ ଟେନ୍‌ସନକୁ ଫ୍ରିରେ ଡାକିଆଣିବା। ଜାଣିଶୁଣି ଜଣେ ଯଦି କଣ୍ଟା ଉପରେ ପାଦ ପକାଏ ଆଉ ଯନ୍ତ୍ରଣାରେ ଛଟପଟ ହୁଏ, ତେବେ ସେଥିପାଇଁ କିଏ ଦାୟୀ ଥରେ ଚିନ୍ତା କରନ୍ତୁ। ପ୍ରେମ ରାସ୍ତା ଭାରି ଖସଡ଼ା। ପୁଣି ବିବାହ ପରେ ଯଦି ସେ ରାସ୍ତାରେ ଗୋଡ଼ ଖସିଗଲା ଆଉ ସେ ଲୁଚାଚୋରା ପ୍ରେମ ବିଷୟରେ ସମସ୍ତେ ଜାଣିପାରିଲେ, ଆପଣଙ୍କ ଅବସ୍ଥା କ'ଣ ହେବ ଥରେ ଭାବନ୍ତୁ ନା !

ସାଥୀ



ନିଆରା ମଣିଷ

# ସେବାରେ ମନ

ଗୋ-ପୂଜା ପରମ୍ପରା ଭାରତରେ ବହୁ ପ୍ରାଚୀନ। ଗୋସେବା କଲେ କୋଟିପୁଣ୍ୟର ଫଳ ମିଳେ ବୋଲି ବିଶ୍ୱାସ ରହିଛି ଡାକ୍ତର ନିତ୍ୟାନନ୍ଦ ପଟ୍ଟନାୟକଙ୍କର। ସେଥିପାଇଁ କଂସେଇଖାନାକୁ ଚାଲାଣ ହେଉଥିବା ଦୁଃସ୍ଥ ଗାଇ ଗୋରୁଙ୍କୁ ଉଧାରକରି ଗୋଶାଳାରେ ରଖି ସେବାଯତ୍ନ କରିଥାନ୍ତି । ସେ ରୁହନ୍ତି ଲଣ୍ଡନରେ କିନ୍ତୁ ସେବା ଚାଲେ ଜନ୍ମଭୂମି ଓଡ଼ିଶାରେ।

ନିପଟ ମଫସଲ ଗାଁରୁ ଯାଇ ସେ ଏବେ ସୁଦୂର ଲଣ୍ଡନରେ । କିନ୍ତୁ ସେବାକୁ ଜୀବନର ବ୍ରତରୂପେ ଗ୍ରହଣ କରିଛନ୍ତି। କେବେ ବି ସେ ନିଜ ଜନ୍ମଭୂମିକୁ ଭୁଲି ନାହାନ୍ତି। ଯେତେଦୂରେ ରହିଥିଲେ ମଧ୍ୟ ଗୀତା-ଗୋମାତା-ଗୋବିନ୍ଦଙ୍କ ସେବା କାର୍ଯ୍ୟରେ ଜୀବନକୁ ଉତ୍ସର୍ଗକରି ସର୍ବଦା ଈଶ୍ୱରୀୟ ଆନନ୍ଦ ଲାଭ କରିଥାନ୍ତି। ଇଂଲଣ୍ଡରେ ଜଣେ ଲବ୍ଧ ପ୍ରତିଷ୍ଠିତ ମସ୍ତିଷ୍କ ରୋଗ ବିଶେଷଜ୍ଞ ଭାବେ ନିତ୍ୟାନନ୍ଦ ପଟ୍ଟନାୟକ କାର୍ଯ୍ୟରତ। ପିତା ନାରାୟଣ ପଟ୍ଟନାୟକ ଓ ମାତା ଲକ୍ଷ୍ମୀପ୍ରିୟା ପଟ୍ଟନାୟକ। ଘର କଟକ ଜିଲା ବୈଦ୍ୟେଶ୍ୱର ବ୍ଲକର ପଣ୍ଡାଲମ୍ ଗ୍ରାମରେ। ସେ କୁହନ୍ତି, କଟକ ନିମପୁର ଏମଇସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ଜଟଣୀ ଉଚ୍ଚବିଦ୍ୟାଳୟରୁ ୧୯୮୨ମସିହାରେ ମାଟ୍ରିକ ପାସ୍ କରିଥିଲି । ପରେ ଖୋର୍ଦ୍ଧା ପ୍ରାଣନାଥ କଲେଜରେ ଆଇଏସ୍‌ସି,ସମ୍ବଲପୁର ବୁର୍ଲାରେ ଏମ୍‌ବିବିଏସ୍ ଏବଂ ଏମ୍‌ସ ଦିଲ୍ଲୀରେ ମେଡିସିନରେ ସ୍ନାତକୋତ୍ତର ଶିକ୍ଷାଲାଭ କରିଥିଲି। ଏହା ପରେ ଦଶମାସ ବାୟୁସେନାରେ ଚାକିରି କରିଥିଲି। ପରେ ଏମ୍‌ସରେ ନିଯୁକ୍ତି ପାଇଲି। କିଛିବର୍ଷ ଡାକ୍ତରି ଚାକିରି କରିବା ପରେ ୧୯୯୭ରୁ ଲଣ୍ଡନର ନଟିଂହାମ୍ ଠାରେ ରହୁଛି। କିନ୍ତୁ ବିଦେଶରେ ରହିବା ବେଳେ ଜୀବନରେ ଏକ ପରିବର୍ତ୍ତନ ଘଟିଲା। ଠିକ୍ ମନେପଡୁଛି ମୋ ବୋଉର ପ୍ରଭାବରେ ପିଲାଟିଦିନରୁ ଗୀତା, ଭାଗବତ ଓ ଗୋମାତା ପ୍ରତି ଆକୃଷ୍ଟ ହୋଇଛି। ମୋ ବୋଉ ବାଛୁରୀଙ୍କୁ ନିଜ ପିଲାଙ୍କ ପରି ଲାଳନପାଳନ କରୁଥିଲା। ଆମକୁ ଯେତେବେଳେ ଖାଇବାକୁ ଦିଏ, ସେମାନଙ୍କୁ ବି ଖାଇବାକୁ ଦେଇଥାଏ । ଏପରି କି ଗାଈଙ୍କୁ ମଶାରି ଭିତରେ ଶୁଆଉଥିଲେ। ଘରେ ଆଳୁ ଚଟଣି, ଭାତ, ଡାଲି ଭଳି ଓଡ଼ିଆ ଘରର ପାରମ୍ପରିକ ଖାଦ୍ୟ ଖାଇଥାଏ। ଏଠି ମୋ ଦରମାର ଅର୍ଦ୍ଧେକ ଅର୍ଥ ଟିକସ ଓ ବୀମାରେ କଟିଯାଉଛି। ଅବଶିଷ୍ଟ ୫୦ଭାଗ ଦରମାକୁ ୨ଭାଗ କରିଥାଏ। ଗୋଟିଏ ଭାଗ ଅର୍ଥରେ ପରିବାର ଚଳେ । ଆଉ ଗୋଟିଏ ଭାଗ ସେବାମୂଳକ କାର୍ଯ୍ୟରେ ବିନିଯୋଗ କରିଥାଏ। ଲଣ୍ଡନରେ ନାଗରିକତ୍ୱ ଗ୍ରହଣ କରିଥିଲେ ମଧ୍ୟ କେବେ ବି ନିଜଗାଁ ମାଟିର ମୋହକୁ ଭୁଲି ନାହିଁ। ସତେ ଯେମିତି ଦେହ ବିଦେଶରେ ଆତ୍ମା ଓଡ଼ିଶାରେ। ପ୍ରତିବର୍ଷ ପ୍ରାୟ ୪ମାସ ପାଇଁ ସୁଦୂର ଲଣ୍ଡନରୁ ମୋ ଜନ୍ମଭୂମିକୁ ଧାଇଁ ଆସିଥାଏ। ଗାଁ ପରିବେଶ, ବିଭିନ୍ନ ତୀର୍ଥସ୍ଥାନ, କଟକ,ଚୌଦ୍ୱାରା, ଜଗତପୁର, ନୂଆବଜାର, ପୁରୀ ଆଦି ଗୋଶାଳାକୁ ବୁଲିବାକୁ ଯାଇଥାଏ। ଏବଂ ନିଜର ଡାକ୍ତରି କାର୍ଯ୍ୟପରେ ସନ୍ଧ୍ୟାରେ ଗୀତା, ଭାଗବତ, ଭଜନଜଣାଣ ଶୁଣେ। ଏପରିକାର୍ଯ୍ୟ ଈଶ୍ୱରଙ୍କ ନିର୍ଦ୍ଦେଶ ବୋଲି ଭାବିଥାଏ। ଏହା ମୋର କର୍ତ୍ତବ୍ୟ । ଗୋଧନ ଓ କୃଷିର ବିକାଶ ବ୍ୟତିରେକ ସମୃଦ୍ଧ ଭାରତବର୍ଷର ପରିକଳ୍ପନା ଅସମ୍ଭବ। କଂସେଇଖାନାରୁ ଟ୍ରକ୍‌ରେ ଚାଲାଣ ୫୦ ଗାଈଙ୍କୁ କିଣି ୨୦୧୦ମସିହାରେ ନିଜ ଗାଁରେ ଏକ ଗୋଶାଳା କରିଥିଲି।ଏସବୁ କେବଳ ବାପା,ମା' ଏବଂ ଭଗବାନଙ୍କ ଆଶୀର୍ବାଦରେ ସମ୍ଭବ। ଅନ୍ୟପକ୍ଷେ ଡା. ନିତ୍ୟାନନ୍ଦଙ୍କ ସମ୍ପର୍କରେ ସନ୍ତୋଷ ବେହେରା କୁହନ୍ତି, ଡା. ପଟ୍ଟନାୟକ ଉଦ୍ଧାର କରିଥିବା ଗାଈଙ୍କ ସେବା ଯତ୍ନ ସହ ସୁରକ୍ଷିତ ଭାବେ ଗୋଶାଳାରେ ରଖାଯିବାର ବ୍ୟବସ୍ଥା କରିଥାନ୍ତି। ଅନ୍ୟପକ୍ଷେ ଡା. ନିତ୍ୟାନନ୍ଦଙ୍କ ବହୁମୁଖୀ ପ୍ରତିଭା ସ୍ୱତନ୍ତ୍ର। ସିମର ଗାଁରେ ବହୁଦିନଧରି ଭାଙ୍ଗି ଯାଇଥିବା ଏକ ଦୋଳମଣ୍ଡପକୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ଗାଁର ଲୋକଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରି ଉତ୍ସବ ପାଳନରେ ସହଯୋଗ କରିଥିଲେ। ଏହି ଗାଁର ୪ଜଣ ବିଧବାଙ୍କ ପରିବାରର ଝିଅ/ପୁଅଙ୍କ ପାଠପଢା ପାଇଁ ୧୦ବର୍ଷ ଯାଏ ଖର୍ଚ୍ଚ ତୁଲାଇଥିଲେ। ପାଖ ଗାଁର ଲୋକମାନଙ୍କୁ ପ୍ରାୟ ୬୫ଟି ଗୁହାଳ ପାଇଁ ଆର୍ଥିକ ବ୍ୟବସ୍ଥା କରିଥିଲେ। କିନ୍ତୁ ସେ ନିଜସ୍ୱ ରୋଜଗାରରୁ ଏପରି କରିଥାନ୍ତି। ଏବେ ତାଙ୍କ ଗୋଶାଳାରେ ପ୍ରାୟ୪୦ ଗାଈ ରହିଛନ୍ତି। ସେମାନଙ୍କ ଖାଇବା,ଚିକିତ୍ସା ନିମନ୍ତେ ସୁବ୍ୟବସ୍ଥା କରିଥାନ୍ତି। ସେମାନଙ୍କ ଦେଖାଚାହାଁ ପାଇଁ ଦୁଇଜଣ ରହିଛନ୍ତି। ଗୋ ସେବା ଓ ସୁରକ୍ଷା ନିମନ୍ତେ ଜନସଚେତନତା ପାଇଁ ଲୋକଙ୍କ ସହଯୋଗରେ ଆବେଦନପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀକୁ ପଣ୍ଡାଲମ୍, ପାଣିକୋଇଲି, କଣ୍ଟାବାଡ଼ ଆଦି ଗାଁର ଗରିବ ବୃଦ୍ଧାବୃଦ୍ଧଙ୍କ ପାଇଁ ନିଜସ୍ୱ ଉଦ୍ୟମରେ ବସ୍‌ଯାତ୍ରାର ବ୍ୟବସ୍ଥା କରିଥିଲେ। । ଗାଁର ୧୫ଜଣ ନିଃସହାୟ ବ୍ୟକ୍ତିଙ୍କ ମୋତିଆବିନ୍ଦୁ, ଗର୍ଭାଶୟ ନିଷ୍କାସନ, ହୃଦ୍‌ଯନ୍ତ୍ର ଅସ୍ତ୍ରୋପଚାର ପ୍ରଭୃତିରେ ଆର୍ଥିକ ସହାୟତା କରିଥିଲେ। କେତେକ ଇଞ୍ଜିନିୟରିଂ ପିଲାଙ୍କ ଶିକ୍ଷାଦାନପାଇଁ ଆର୍ଥିକ ସହାୟତା ଯୋଗାଇଛନ୍ତି। ଧଳାପଥର, ସିମର, ଜଗତପୁର, କଳାପଥର ଆଦି କେତେକ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପ୍ରତିବର୍ଷ ୧୦ହଜାର ଟଙ୍କାର ପୁରସ୍କାର ପ୍ରଦାନ ସହିତ ଉପାଦେୟ ପୁସ୍ତକ, ଆଲମିରା ପ୍ରଦାନ କରିଛନ୍ତି। ପରିବେଶ ସୁରକ୍ଷା ନିମନ୍ତେ ଗାଁ ପୋଖରୀ ହୁଡ଼ାରେ ଆମ୍ବ,ପଣସ, ନଡ଼ିଆ, ବର, ଅଶ୍ୱତ୍ଥ ଆଦି ଗଛ ଲଗାଇଥିବା ବେଳେ ୪ଏକର ଜାଗା କିଣି ସେଠାରେ ଆମ୍ବ, ଶାଗୁଆନ ଓ ଅନ୍ୟାନ୍ୟ ଗଛ ଲଗାଇଛନ୍ତି। ମାତ୍ର ସୁଦୂର ଲଣ୍ଡନରେ ଥିଲେ ବି ଫୋନ, ଇଣ୍ଟରନେଟ ଦ୍ୱାରା ପ୍ରତିଦିନ ସମସ୍ତ କଥା ବୁଝିଥାନ୍ତି।


ଡା. ନିତ୍ୟାନନ୍ଦ ପଟ୍ଟନାୟକ

ଗୋ-ପୂଜା ପରମ୍ପରା ଭାରତରେ ବହୁ ପ୍ରାଚୀନ। ଗୋସେବା କଲେ କୋଟିପୁଣ୍ୟର ଫଳ ମିଳେ ବୋଲି ବିଶ୍ୱାସ ରହିଛି। ସେଥିପାଇଁ କଂସେଇଖାନାକୁ ଚାଲାଣ ହେଉଥିବା ଦୁଃସ୍ଥ ଗାଇ ଗୋରୁଙ୍କୁ ଉଧାରକରି ଗୋଶାଳାରେ ରଖି ସେବାଯତ୍ନ କରିଥାନ୍ତି । ସେ ରୁହନ୍ତି ଲଣ୍ଡନରେ କିନ୍ତୁ ସେବା ଚାଲେ ଜନ୍ମଭୂମି ଓଡ଼ିଶାରେ।

-ବନବିହାରୀ ବେହେରା,ଫଟୋ:କୁମାର ଶରତ

# ମୋନାଲିସାଙ୍କୁ ନେଇ ଯେତେ କଥା

ବିଶ୍ୱ ପ୍ରସିଦ୍ଧ ମୋନାଲିସା ଚିତ୍ର ବାସ୍ତବରେ ଦେଖିବାର ସୁଯୋଗ ମିଳୁ ଅବା ଯେକୌଣସି ମାଧ୍ୟମରେ ଏହାର ଛବି ଆପଣମାନେ ଦେଖିଥିବେ ନିଶ୍ଚୟ। ତେବେ ଜାଣି ରଖନ୍ତୁ ଏହା ସମ୍ପର୍କରେ କିଛି ରୋଚକ ତଥ୍ୟ...



- ବିଶ୍ୱ ପ୍ରସିଦ୍ଧ ଚିତ୍ରକର ଲିଓନାର୍ଡୋ ଡା ଭିନ୍ସି ଏହି ଚିତ୍ରକୁ କାନ୍‌ଭାସ୍ ଉପରେ ନୁହେଁ ବରଂ ଏକରୁ ଦେଢ ଇଞ୍ଚ ବିଶିଷ୍ଟ ୩ଟି ପତଳା କାଠ ପଟା ଉପରେ ଆଙ୍କିଥିଲେ।
- ଏହି ଚିତ୍ରରେ ସେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ପରସ୍ତ ରଙ୍ଗ ବ୍ୟବହାର କରିଛନ୍ତି। ଯେଉଁଥିରେ କିଛି ପରସ୍ତ ମଣିଷ କେଶ ଠାରୁ ବି ପତଳା ରହିଛି।
- ଆମେ ମୋନାଲିସା ଚିତ୍ରରେ ଆଖିପତା ଏବଂ ଆଇବ୍ରୋ ନ ଥିବା ଦେଖିଥାଉ। ହେଲେ ୨୦୦୭ ମସିହାରେ ଜଣେ ଇଞ୍ଜିନିୟର ଏହି ଚିତ୍ରର ହାଇ ରିଜୋଲ୍ୟୁଶନ୍ ସ୍କାନ କରିବା ଦ୍ୱାରା ଜାଣିବାକୁ ପାଇଲେ ଯେ, ଏହା ଅଙ୍କାଯିବା ସମୟରେ ଆଖିପତା ଏବଂ ଆଇବ୍ରୋ ଥିଲା ଯାହାକି ସମୟକ୍ରମେ ଏହାକୁ ବାରମ୍ବାର ସଫା କରିବା ଦ୍ୱାରା ଲିଭିଯାଇଛି।
- ଏହି ଚିତ୍ର ୧୮୧୫ ମସିହାରେ ଲୌଭ୍ର ମ୍ୟୁଜିୟମ୍ ଗ୍ୟାଲେରିରେ ପ୍ରଦର୍ଶିତ ହେବା ପରେ ପ୍ରଥମ ଥର ଲୋକ ଲୋଚନକୁ ଆସିଥିଲା।
- ମ୍ୟାଡ୍ରିଡ୍‌ର ମ୍ୟୁଜିଓ ଡେଲ୍ ପ୍ରାଡୋ ମ୍ୟୁଜିୟମ୍‌ରେ ଦ୍ୱିତୀୟ ମୋନାଲିସା ଚିତ୍ର ରହିଛି ଯାହାକୁ ଡା ଭିନ୍ସି ବଂଶର କେହି ଜଣେ ପ୍ରସ୍ତୁତ କରିଥିଲେ।
- ନେପୋଲିୟନ୍ ତାଙ୍କ ବେଡ୍‌ରୁମ୍ କାନ୍ଥରେ ମୋନାଲିସାର ଚିତ୍ର ଟାଙ୍ଗିଥିଲେ।
- ମୋନାଲିସା ଚିତ୍ର ପ୍ରେମରେ ପଡି ଅନେକେ ଆତ୍ମହତ୍ୟା କରିଥିଲେ। ୧୮୫୨ରେ ଲ୍ୟୁସ୍ ମାସ୍କେରୋ ନାମକ ଜଣେ କଳାକାର ଏକ ହୋଟେଲ୍‌ର ୪ର୍ଥ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେ ଚିଠିରେ ଉକ୍ତ ଚିତ୍ରରେ ଥିବା ମହିଳାଙ୍କ ହସରେ ଦୀର୍ଘ ବର୍ଷହେବ ବାନ୍ଧିହୋଇ ହତାଶ ହୋଇପଡିଥିବାରୁ ମରିଯିବା ପସନ୍ଦ କରିବି ବୋଲି ଲେଖିଥିଲେ।
- ଏହି ଚିତ୍ର ଆଙ୍କିବା ସମୟରେ ଡା ଭିନ୍ସି ଉକ୍ତ ମହିଳାଙ୍କ ମନ ଭଲ ରଖିବା ଲାଗି ପାଖରେ ୬ ଜଣ ମ୍ୟୁଜିସିଆନ୍, ଏକ କୃତ୍ରିମ ଝରଣା ପ୍ରସ୍ତୁତ କରିଥିଲେ। ବଡ଼ ପାଟିରେ ପଢି ବିଭିନ୍ନ ଭଲ ଭଲ କଥା ଶୁଣାଇବା ସହ ସାଙ୍ଗରେ ଖେଳିବା ଲାଗି କୁକୁର ଏବଂ ବିଲେଇ ମଧ୍ୟ ରଖିଥିଲେ।
- ବଲ୍‌ଭିଆର ଜଣେ ବ୍ୟକ୍ତି ୧୯୫୬ ମସିହାରେ ଉକ୍ତ ଚିତ୍ରକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ତା' ଉପରକୁ ଟେକା ଫିଙ୍ଗିଥିଲେ।



ରିୟାନା

## ହାଃ ହାଃ

### ଫଳ

ଶିକ୍ଷକ– ୧୫ଟି ଫଳର ନାମ କୁହ।
ମୁନୁ(ଭାବି ଭାବି)– ସେଓ, କମଳା, ପିଜୁଳି...।
ଶିକ୍ଷକ–ଠିକ୍। ତେବେ ଆଉ ୧୨ଟି ଫଳର ନାମ କୁହ।
ମୁନୁ– ଏକ ଡଜନ କଦଳୀ।

### ଗରମ

ମଣ୍ଟୁ ପିଣ୍ଟୁ ମିଶି ରାତିରେ ବୁଲୁଥାଆନ୍ତି।
ମଣ୍ଟୁ– ଆଜି ବହୁତ ଗରମ ହେଉଛି।
ପିଣ୍ଟୁ– ହଁ। ହେଲେ କ'ଣ କରିବା। ଦିନ ହେଇଥିଲେ ସିନା କେଉଁ ଗଛ ଛାଇ ତଳେ ବସି ପଡି ଥାଆନ୍ତେ।

### ଗଙ୍ଗା

ଭୂଗୋଳ ଶିକ୍ଷକ–କହିଲ ଦେଖି, ଗଙ୍ଗା କେଉଁଠୁ ବାହାରେ ଏବଂ କେଉଁଠି ଯାଇ ମିଶେ ?
ଗୋଲୁ–ସାର୍ ମୁଁ ଜାଣିଛି।
ଶିକ୍ଷକ– ହଉ କହ।
ଗୋଲୁ– ସେ ସ୍କୁଲ ଯିବା ବାହାନାରେ ଘରୁ ବାହାରେ। ଆଉ ମନ୍ଦିର ପଛକୁ ଯାଇ ମୋହନ ସହ ମିଶେ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



# ବାବା ବୁଦାନଗିରି

**କର୍ନାଟକର ଚିକମାଗାଲୁର୍‌ସ୍ଥିତ ଏକ ଆକର୍ଷଣୀୟ ପାହାଡି ସ୍ଥାନ ହେଉଛି ବାବା ବୁଦାନଗିରି। ବାବା ବୁଦାନ ନାମକ ଜଣେ ସୁଫି ସନ୍ଥଙ୍କର ନାମାନୁସାରେ ଏହାର ନାମକରଣ ହୋଇଥିବା ଶୁଣିବାକୁ ମିଳେ। ଉଭୟ ପ୍ରକୃତିପ୍ରେମୀ ତଥା ଦୁଃସାହସିକ ପର୍ଯ୍ୟଟନରେ ରୁଚି ରଖିଥିବା ପର୍ଯ୍ୟଟକଙ୍କ ନିମନ୍ତେ ଏହି ସ୍ଥାନଟି ବେଶ୍ ଖାସ୍ ଅଟେ...**

## କାହିଁକି ବୁଲି ଆସିବେ ବାବା ବୁଦାନଗିରି

ବୁଦାନଗିରିର ଶାନ୍ତ, ମନୋରମ ପରିବେଶ ଆଗନ୍ତୁକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ଟ୍ରେକିଂ ତଥା ହାଇକିଂ ପାଇଁ ଏଠାରେ ଭଲ ସୁବିଧା ରହିଛି। ସେହିପରି ଫଟୋଗ୍ରାଫି ପାଇଁ ମଧ୍ୟ ଏଠାରେ ଉତ୍ତମ ସ୍ଥାନମାନ ଅଛି। ତେଣୁ ପରିବାର ସଦସ୍ୟଙ୍କ ସହିତ ହେଉ ଅବା ସାଙ୍ଗସାଥୀଙ୍କ ସହ ବୁଲି ଆସିବା ପାଇଁ ଏହା ଏକ ପରଫେକ୍ଟ ଡେଷ୍ଟିନେଶନ କହିଲେ ଭୁଲ୍ ହେବନି।

## ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ବାବା ବୁଦାନଗିରିର ଆକର୍ଷଣୀୟ ଦୃଶ୍ୟକୁ ମନଭରି ଉପଭୋଗ କରିବା ସହିତ ପର୍ଯ୍ୟଟକ ଚାହିଁଲେ ନିକଟସ୍ଥ କେତୋଟି ପର୍ଯ୍ୟଟନସ୍ଥଳୀ ମଧ୍ୟ ବୁଲି ଦେଖିପାରିବେ। ଏଠାରେ ରହିଛି ମାଣିକ୍ୟଧାରା ନାମକ ଏକ ଜଳପ୍ରପାତ, ଯାହା ବାବା ବୁଦାନଗିରି ପାହାଡ ଉପରୁ ହିଁ ଝରି ଆସୁଛି। କହିବାକୁ ଗଲେ ବୁଦାନଗିରି ପାହାଡର ଏହା ହେଉଛି ମୁଖ୍ୟ ଆକର୍ଷଣ। ସେହିପରି ଏହି ପାହାଡ ନିକଟରେ କେତୋଟି ଗୁମ୍ଫା, ଜଳପ୍ରପାତ ତଥା ଧାର୍ମିକ ସ୍ଥଳୀ ମଧ୍ୟ ଅଛି। ହଜରତ ଦାଦା ହୟାତ୍ ଖଲନ୍ଦର ହେଉଛି ଏଠାକାର ଏମିତି ଏକ ତୀର୍ଥସ୍ଥାନ, ଯେଉଁଠାକୁ ଉଭୟ ହିନ୍ଦୁ ଓ ମୁସ୍‌ଲିମ ସମ୍ପ୍ରଦାୟର ଲୋକେ ବୁଲି ଯାଇଥାନ୍ତି। ସେହିପରି ପର୍ଯ୍ୟଟକ ଚାହିଁଲେ ଏଠାରେ ଥିବା ଶୀଥଲା, ଗଡ଼ାତୀର୍ଥ, ଗଲିକିରି ହ୍ରଦ ମଧ୍ୟ ବୁଲି ଦେଖିପାରିବେ।



## କେବେ ଆସିବେ

ବର୍ଷସାରା ବୁଲି ଆସିଲା ଭଳି ଏକ ଆକର୍ଷଣୀୟ ସ୍ଥାନ ହେଉଛି ବାବା ବୁଦାନଗିରି। କିନ୍ତୁ ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ର ଅନୁଯାୟୀ, ଏଠାକୁ ଆସିବା ପାଇଁ ସବୁଠାରୁ ଉପଯୁକ୍ତ ସମୟ ହେଉଛି ସେପ୍ଟେମ୍ବରରୁ ମାର୍ଚ୍ଚ। କାରଣ ଏହି ସମୟରେ ଏଠାକାର ପାଣିପାଗ ବେଶ୍ ଆରାମଦାୟକ ରହିଥାଏ। ଯଦ୍ୱାରା ବୁଦାନଗିରି ଓ ଏହାର ଆଖପାଖ ଅଞ୍ଚଳ ବୁଲିବାରେ କୌଣସି ଅସୁବିଧା ହେବନାହିଁ। ବିଶେଷକରି ଶୀତଦିନେ ଏଠାକାର ସୌନ୍ଦର୍ଯ୍ୟ ଖୁବ୍ ବଢିଯାଏ।



## କେମିତି ଯିବେ

ଏଠାକୁ ପରିବହନର ତିନୋଟି ମାର୍ଗ ଜରିଆରେ ଯାଇହେବ। ମାଙ୍ଗାଲୋର୍ ଇଣ୍ଟରନ୍ୟାଶନାଲ୍ ଏୟାର୍‌ପୋର୍ଟ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ଚିକମାଗଲୁର୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ରେଲଷ୍ଟେଶନ। ଉଭୟ ଷ୍ଟେଶନ ଓ ଏୟାର୍‌ପୋର୍ଟରୁ ବାବା ବୁଦାନଗିରି ପାହାଡ ନିକଟକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ରହିଛି। ଏହାଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ସଡ଼କପଥରେ ବି ଏଠାକୁ ଯିବାର ସୁବିଧା ରହିଛି।











# ବୟସ ୨୨, ଉଚ୍ଚତା ୨୩ ଇଞ୍ଚ

ପଞ୍ଜାବର ମନପ୍ରୀତ ସିଂ। ବୟସ ୨୨ ବର୍ଷ। ହେଲେ ତାଙ୍କୁ ଦେଖିଲେ ଲାଗେ ସତେ ଯେମିତି ବୟସ ତାଙ୍କ ପାଖରେ ଅଟକି ଯାଇଛି। କାରଣ ଏବେ ବି ତାଙ୍କର ଉଚ୍ଚତା ଓ ଓଜନ ୬ ମାସର ଶିଶୁ ପରି ଅଛି। କୌଣସି ଏକ ବିରଳ ରୋଗ ଯୋଗୁ ତାଙ୍କ ଶରୀର ଏଭଳି ହୋଇଯାଇଛି। ହେଲେ ସ୍ଥାନୀୟ ଲୋକେ ବିଶ୍ୱାସ କରନ୍ତି, ସେ ହେଉଛନ୍ତି ଭଗବାନଙ୍କର ଏକ ଅବତାର। ତେଣୁ ଅନେକ ଲୋକ ଆସି ତାଙ୍କୁ ପୂଜା କରୁଛନ୍ତି। ୨୩ ବର୍ଷ ବୟସର ହୋଇଥିଲେ ହେଁ ମନପ୍ରୀତ ଭଲରେ କଥା କହିପାରନ୍ତି ନାହିଁ କି ଭଲରେ ଚାଲି ବି ପାରନ୍ତି ନାହିଁ। ତାଙ୍କର ଆଉ ଦୁଇ ଭାଇଭଉଣୀ ବି ଅଛନ୍ତି। ହେଲେ ସେମାନଙ୍କ ଉଚ୍ଚତା ଓ ଶାରୀରିକ ସ୍ଥିତି ସ୍ୱାଭାବିକ। ମନପ୍ରୀତଙ୍କ ମା' କହନ୍ତି, 'ଜନ୍ମବେଳେ ସେ ସୁସ୍ଥ ଓ ସ୍ୱାଭାବିକ ଥିଲା। ହେଲେ ୬ ମାସର ହେବା ବେଳକୁ ତା'ର ବୃଦ୍ଧି ଯେମିତି ଅଟକିଗଲା। ଏହାପରେ ଆମେ ଅନେକ ଡାକ୍ତର ଦେଖେଇଛୁ। କେହି କେହି କହିଲେ ଥାଇରଏଡ ପାଇଁ ମନପ୍ରୀତର ଅବସ୍ଥା ଏଭଳି ହୋଇଛି। ଅନେକ ଔଷଧ ବି ଦେଇଛୁ। ହେଲେ କିଛି ଫରକ ପଡିଲାନି। ତା'ପରେ ଅଧିକ ଚିକିତ୍ସା ପାଇଁ ଆମ ପାଖରେ ସେତିକି ଆର୍ଥିକ ସମ୍ବଳ ନ ଥିଲା। ତେବେ ସେ ଯାହାବି ହେଉ ଆମ ପରିବାର ସହ ସାରା ଗାଁ ମନପ୍ରୀତ ପାଇଁ ଖୁସୀ। ଆଉ ତାକୁ ସମସ୍ତେ ଭଗବାନ ଭାବେ ପୂଜା ବି କରୁଛନ୍ତି।'

## କାର୍ଟୁନ କର୍ନର



# ଆଇ ଡୋଣ୍ଟ୍ କେୟାର!

ନିୟମିତ ଯାତ୍ରା ଦେଖୁଥିବା ଦର୍ଶକମାନେ ଏଥର ଜାଣିସାରିବେଣି ଯେ, ଏଠାରେ କାହା କଥା କୁହାଯାଉଛି। ପ୍ରତ୍ୟେକ ଡାଏଲଗ୍‌ରେ 'ଆଇ ଡୋଣ୍ଟ୍ କେୟାର' ବୋଲି କହୁଥିବା ଅଭିନେତ୍ରୀ ଜଣକ ଆଉ କେହି ନୁହନ୍ତି; ସେ ହେଉଛନ୍ତି ଟିଙ୍କିଲି ଓରଫ୍ ପଦ୍ମାବତୀ ପ୍ରଧାନ। ଏକଦା ଯାତ୍ରା ଜଗତର ପ୍ରସିଦ୍ଧ ଗାୟକ ଓ ଗାୟିକା ଅନି-ପ୍ରସନ୍ନ (ଅନ୍ନପୂର୍ଣ୍ଣା ମହାନ୍ତି ଓ ପ୍ରସନ୍ନ ମହାନ୍ତି)ଙ୍କର ସୁକନ୍ୟା ହେଉଛନ୍ତି ଟିଙ୍କିଲି। ତାଙ୍କର ଆଉ ଏକ ପରିଚୟ - ନାଟ୍ୟକାର ତଥା ପରିଚାଳକ ବଙ୍କିମ ସ୍ବାଇଁଙ୍କର ସେ ହେଉଛନ୍ତି ପୁତୁରାବୋହୂ। ବଙ୍କିମ ସ୍ବାଇଁଙ୍କ ପ୍ରେରଣା ତଥା ପ୍ରତ୍ୟକ୍ଷ ଦେଖାଶୁଣାରେ ଏହି ଅଭିନେତ୍ରୀ ସମ୍ପ୍ରତି ଯାତ୍ରା ଜଗତରେ ପାହାଚ ପରେ ପାହାଚ ଅତିକ୍ରମ କରିଚାଲିଛନ୍ତି। ବାପା ମା'ଙ୍କ ଅକାଳ ଦେହାନ୍ତ ପରେ କ୍ଲାସିକ୍ ଗଣନାଟ୍ୟରେ ଯୋଗଦେଇ ଟିଙ୍କିଲି ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ନାଟକ ଥିଲା 'କଥା ଦେଲି କଥା ରହିଲା ରାଣ'। ଏହାପରେ ସେ ପଛକୁ ଫେରି ଚାହିଁ ନାହାନ୍ତି। ଇତିମଧ୍ୟରେ ଦୀର୍ଘ ୧୨ବର୍ଷର ଯାତ୍ରା ଜୀବନ ଅତିବାହିତ କରିସାରିଲେଣି ସେ। ସେ ଅଭିନୟ କରିଥିବା ସଫଳ ନାଟକଗୁଡ଼ିକ ମଧ୍ୟରେ ରହିଛି 'କଥା ଦେଲି କଥା ରହିଲା ରାଣ', ମୁଁ ବାଲେଶ୍ୱର ବୋହୂ', 'ପୁରୀ ଭାଗବତ ପିପିଲି ଗୀତା', 'କହିଦେଲେ ମୁଁ ମରିଯିବୁ ତୁ' ଏବଂ ଆହୁରି ଅନେକ। ସମ୍ପ୍ରତି ଯାତ୍ରା ଇନ୍ଦ୍ରମହଲରେ ଅଭିନୟ ଜାରି ରଖିଥିବା ଟିଙ୍କିଲିଙ୍କ ଅଭିନୀତ ନାଟକଗୁଡ଼ିକ ମଧ୍ୟରେ ରହିଛି 'ବଡ଼ଲୋକକୁ ଉତ୍ତର ନାହିଁ', 'ଉର୍ବଶୀ ଆସିଛି ଇନ୍ଦ୍ରମହଲ', 'ଗଙ୍ଗା ପାପ କଲେ ଧୋଇବ କିଏ' ଏବଂ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'। ପ୍ରଥମ ତିନୋଟି ନାଟକରେ ଟିଙ୍କିଲି ନେଗେଟିଭ୍ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ବେଳେ ଶେଷ ନାଟକ 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ'ରେ ସେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି। ଯାତ୍ରା ଜଗତର ଅନ୍ୟତମ ଲୋକପ୍ରିୟ ଡ୍ୟାନ୍ସର ତଥା କୋରିଓଗ୍ରାଫର ସାଗର ପ୍ରଧାନଙ୍କୁ ଜୀବନସାଥୀ ଭାବରେ ଗ୍ରହଣ କରିଥିବା ଟିଙ୍କିଲି କହନ୍ତି : ପଜିଟିଭ୍ ତୁଳନାରେ ନେଗେଟିଭ୍ ଭୂମିକା ତାଙ୍କୁ ବେଶି ଭଲଲାଗେ। କାରଣ ସେଥିରେ ବହୁତ କିଛି କରିବା ପାଇଁ ସ୍କୋପ୍ ଥାଏ। ସେତିକି ନୁହେଁ, ଦର୍ଶକମାନେ ବି ଗୋଟେ ନେଗେଟିଭ୍ ଭୂମିକାକୁ ଖୁବ୍ ଗୁରୁତ୍ୱର ସହିତ ଦେଖିଥାନ୍ତି। କାରଣ ସେହି ଚରିତ୍ରଟି ହିଁ ନାଟକଟିକୁ ଗତିଶୀଳ କରାଉଥାଏ।



ଟିଙ୍କିଲି

# ଅଦ୍ଭୁତ ଚକା ବିଶିଷ୍ଟ ସାଇକେଲ

ସାଇକେଲ ସହିତ ଆମେ ସମସ୍ତେ ପରିଚିତ। ତେଣୁ ସାଇକେଲ କଥା ଉଠିବା ମାତ୍ରେ ଆମ ଆଖି ଆଗରେ ଚଟ୍‌କିନା ଭାସିଉଠେ ଦୁଇଟା ସାନବଡ଼ ଗୋଲାକାର ଚକା ଥିବା ଏକ ପ୍ୟାଡେଲଚାଳିତ ଗାଡ଼ି। ପୃଥିବୀରେ ଏମିତି କ୍ୱଚିତ୍ ଲୋକ ଥିବେ, ଯେଉଁମାନେ ସାଇକେଲ ସଂସ୍ପର୍ଶରେ ଆସି ନ ଥିବେ। ପ୍ରତ୍ୟେକଙ୍କ ଜୀବନର ବହୁ ସମୟ ଏହି ସାଇକେଲ ସହିତ କଟିଥିବ। ବିଶେଷକରି କୈଶୋର, ଯୌବନରେ ପ୍ରତ୍ୟେକ ଯୁବକଯୁବତୀଙ୍କର ଏକ ଅତିପ୍ରିୟ ଜିନିଷ ପାଲଟିଯାଏ ସାଇକେଲ। ତେଣୁ ସାଇକେଲ୍ ବିଷୟରେ ଅଧିକ କିଛି କହିବାର ପ୍ରୟୋଜନ ନାହିଁ। ତେବେ ଚାଇନାର ଜଣେ ଯୁବକ ଏମିତି ଏକ ସାଇକେଲ ତିଆରି କରିଛନ୍ତି, ଯାହାକୁ ଦେଖିଲେ ଯେକୌଣସି ବ୍ୟକ୍ତି ତାହାକୁ ଚଳାଇବା କଥା କିଛି ସମୟ ଚିନ୍ତା କରିବ। ସେମିତିକା ସାହସ, ଜିଦି କିମ୍ବା ଉତ୍ସାହ ନ ଥିଲେ ସେଭଳି ସାଇକେଲ ଚଢ଼ିବା କଥା କେହି ଚିନ୍ତା ମଧ୍ୟ କରିବ ନାହିଁ। ଏପରି ଏକ ବିଚିତ୍ର ସାଇକେଲ ତିଆରି କରିଥିବା ବିଶ୍ୱକର୍ମା ଜଣକ ହେଉଛନ୍ତି ଚାଇନାର ଗୁଆନ୍ ବାଇହୁଆ। ଏଥର ଜାଣିବା ବାଇହୁଆଙ୍କ ତିଆରି ସାଇକେଲ୍‌ଟି କିଭଳି? ସେ ସାଇକେଲର ଚକା ଆଦୌ ଗୋଲାକାର ନୁହେଁ। ଆଗ ଚକାଟି ପଞ୍ଚଭୁଜ ବିଶିଷ୍ଟ ହୋଇଥିବା ବେଳେ ପଛ ଚକାଟି ଏକ ତ୍ରିଭୁଜ। ଏପରି ବିଚିତ୍ର ସାଇକେଲକୁ ଦେଖି ଲୋକମାନେ ନାକ ଟେକିବା ମଧ୍ୟ ଆରମ୍ଭ କରିଛନ୍ତି। ତେବେ ବାଇହୁଆଙ୍କ ମତରେ ଏହା ଏକ ସ୍ୱାସ୍ଥ୍ୟୋପଯୋଗୀ ଯାନ। ଏହାକୁ ଚାଳନା କରିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ।




# 'ଅଭିନେତା ହେବାକୁ ଇଚ୍ଛା ଥିଲା; ନାଟ୍ୟକାର ବନିଗଲି'

ଓଡ଼ିଆ ଯାତ୍ରା ଜଗତର ଜଣେ ସଫଳ ତଥା ସମର୍ଥ ନାଟ୍ୟକାର ନୀହାର ମହାନ୍ତି। ପେସାରେ ସେ ଜଣେ ହୋମିଓପ୍ୟାଥି ଡାକ୍ତର। ରାତି ପାହିଲେ ଲୋକସେବା। ହେଲେ ନିଶା ନାଟକ ଲେଖିବା। ତେବେ ସେ ଯେ ନାଟକ ଲେଖିବେ, ନାଟ୍ୟକାର ହେବେ ନା ସେ ଏଭଳି ଏକ ସ୍ୱପ୍ନ ଦେଖିଥିଲେ ନା ଏହାର କୌଣସି ପ୍ରାକ୍ ପ୍ରସ୍ତୁତି ଥିଲା। ମୂଳରୁ ଇଚ୍ଛା ଥିଲା ସେ ଜଣେ କଳାକାର ହେବେ। ହେଲେ ସେ କଳାକାର ହୁଅନ୍ତୁ ଏ କଥା ଚାହିଁଲେ ନାହିଁ ବାପା ମା' କିମ୍ବା ପରିବାରର ଅନ୍ୟ କୌଣସି ସଦସ୍ୟ। ନୀହାରଙ୍କ ନିକଟରେ ପରିବାରର ଲକ୍ଷ୍ମଣରେଖାକୁ ଡେଇଁବା ସହଜ ନ ଥିଲା। କିମ୍ବା ସମ୍ଭବ ମଧ୍ୟ ନ ଥିଲା। ସେହିଭଳି ଯାତ୍ରାର ମାୟାରୁ ବି ମୁକୁଳିବା ତାଙ୍କ ପାଇଁ ସହଜସାଧ୍ୟ ନ ଥିଲା। ତେଣୁ କଲମ ଧରିଲେ। ଆଉ ନାଟକ ଲେଖିଲେ। ୧୯୯୪ ମସିହା କଥା। ଠାକୁରାଣୀ ଅପେରା ପାଇଁ ସେ ଲେଖିଲେ ତାଙ୍କର ପ୍ରଥମ ନାଟକ 'ସାକ୍ଷୀ ରହିବ ମୋ ଜୁଇ ପାଉଁଶ'। ବାସ୍, ନାଟ୍ୟକାର ବନିଗଲେ। ପରିବାରର ଜିଦ୍ ରହିଲା। ପୁଣି ନିଜ ସ୍ୱପ୍ନ ବି ପୂରା ହେଲା। ଅର୍ଥାତ୍ ପରିବାରର ମନା ମାନିଲେ। ପୁଣି ଯାତ୍ରା ସହିତ ବି ରହିଲେ। ନିଜର ନାଟ୍ୟକାର ପରିଚୟକୁ ନେଇ ବେଶ୍ ଖୁସି ଅଛନ୍ତି ନାଟ୍ୟକାର ନୀହାର ମହାନ୍ତି। ଅଭିନେତା ହୋଇଥିଲେ 'ଚରିତ୍ର'ଟିଏ ସାଜିଥାନ୍ତେ। ହେଲେ ଏବେ ନାଟ୍ୟକାର ଭାବରେ ଗୋଟିଏ ପରେ ଗୋଟିଏ 'ଚରିତ୍ର' ସୃଷ୍ଟିକରି ଚାଲିଛନ୍ତି। ଏଯାବତ୍ ସେ ୪୫ରୁ ଊର୍ଦ୍ଧ୍ୱ ନାଟକ ରଚନା କରିସାରିଲେଣି। ସେଥିମଧ୍ୟରୁ 'ପାକିସ୍ତାନୀ ଝିଅ - ଭାରତ୍ କେ ଲିୟେ ସହିଦ', 'ଏ ମୁନ୍ନୀ ବଦ୍‌ନାମ ହୁଇ', 'ରାଜଧାନୀ ରାତି', 'ରଣପୁର ରାଣୀ ରଜନୀଗନ୍ଧା', 'ଅମଣିଷ', 'କଳିଯୁଗ ରାମାୟଣ', 'କେମିତି କହିବି ଏମିତି କଥା', 'ମୁଁ ମନ୍ତ୍ରୀଙ୍କ ବୋହୂ', 'ନାରୀ ତୋର କେତେ ରୂପ କେତେ କାହାଣୀ', 'ସୁନାକଣ୍ଢେଇ' ଆଦି ଗୋଟିଏ ଗୋଟିଏ ସଫଳ ସୃଷ୍ଟି। ନୂତନ ତଥା ବାସ୍ତବଧର୍ମୀ କାହାଣୀ ସହିତ ପାତ୍ରମୁଖୀ ସଂଳାପ ଏହି ନାଟ୍ୟକାରଙ୍କର ଏକ ପ୍ରମୁଖ ବିଶେଷତା। ଚଳିତବର୍ଷ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ମଞ୍ଚସ୍ଥ ହୋଇ ସଫଳତା ସାଉଣ୍ଟି ଚାଲୁଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ଯାତ୍ରା ଇନ୍ଦ୍ରମହଲ'ର 'ଶ୍ରୀକୃଷ୍ଣ ମୋର ଶେଷ ସାକ୍ଷୀ', 'ଧଉଳି ଗଣନାଟ୍ୟ'ର 'କଳାକାହ୍ନୁ ମୋର କାଳିଆ ସୁନା', 'ଗୌରୀ' ଗଣନାଟ୍ୟର 'ବେଳେବେଳେ ଭୁଲ୍ ହେଇଯାଏ' ଏବଂ 'ଯାତ୍ରା ସଚ୍ଚିଦାନନ୍ଦମ୍'ର 'ଗାୟତ୍ରୀ ଅପାର ଗୋପନ କଥା'। ସାମ୍ପ୍ରତିକ ଯାତ୍ରା ଜଗତର ବ୍ୟବସ୍ଥାକୁ ନେଇ ଅନେକ ଅଦେଖା ଦୁଃଖକୁ ନିଜ ଭିତରେ ସାଇତି ରଖିଛନ୍ତି ଏହି ସ୍ୱାଧୀନଚେତା ତଥା ସ୍ୱାଭିମାନୀ ନାଟ୍ୟକାର। ନାଟକ ନୁହେଁ; ଫାଟକର ଗୁରୁତ୍ୱ ବଢୁଛି। ନାଟ୍ୟକାରଙ୍କୁ ଯେତିକି ସ୍ୱାଧୀନତା ମିଳିବା କଥା ସେତିକି ମଳୁନି। ଫଳରେ ଭଲ ନାଟକଟିଏ ଉତୁରି ପାରୁନି। ବର୍ତ୍ତମାନ ପରିସ୍ଥିତିରେ ଏହା ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଯାତ୍ରା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଏକମନ ହୋଇ ଏହି ସମସ୍ୟାର ସମାଧାନ ବାହାର କରିବା ଆବଶ୍ୟକ ବୋଲି ପ୍ରତିଭାଧର ନାଟ୍ୟକାରଙ୍କ ମତ।



ନୀହାର ମହାନ୍ତି

ବ୍ୟାକ୍ ପେଜ୍





# ସବୁଠୁ ଛୋଟ ସ୍ଥାପତ୍ୟ

ବ୍ରିଟିଶ କଳାକାର ୱିଲାର୍ଡ ୱିଗାନ୍ ହେଉଛନ୍ତି ପୃଥିବୀର ସବୁଠୁ ଛୋଟ ସ୍ଥାପତ୍ୟର ନିର୍ମାତା। ତାଙ୍କ ସ୍ଥାପତ୍ୟ ଏତେ ଛୋଟ ଯେ, ତାକୁ ଖାଲି ଆଖିରେ ଦେଖିହୁଏନା। ଆବଶ୍ୟକ ହୁଏ ମାଇକ୍ରୋସ୍କୋପ୍। ଏଥିରୁ ଅନୁମେୟ ଯେ, ଏହାକୁ ତିଆରି କରିବା କେତେ କଷ୍ଟକର ହୋଇଥିବ। ମହିଳା-ପୁରୁଷଙ୍କର ବିଭିନ୍ନ ଆକୃତି, ଘର, ପଶୁପକ୍ଷୀ ଆଦି ଥାଏ ତାଙ୍କ କଳାକୃତିରେ। ଏ ସବୁକୁ ସେ ବାଲିର କଣିକାକୁ ଖୋଦେଇ କରି କରିଥାଆନ୍ତି। ଆଉ ସେଥିରେ ସେ ମାଛିର କେଶ ସାହାଯ୍ୟରେ ରଙ୍ଗ ଭରନ୍ତି। ତାଙ୍କର ଅଧିକାଂଶ କଳାକୃତି ହୋଇଥାଏ ଛୁଞ୍ଚିରେ ସୂତା ପୂରାଯାଉଥିବା କଣା ଭିତରେ। ତେବେ ଛୋଟ ହେଲେ ବି ଏ ସବୁ କଳାକୃତି ବେଶ୍ ସୁନ୍ଦର ଏବଂ ନିଖୁଣ। ସେଇଥିପାଇଁ ତ ୨୦୦୭ରେ ତାଙ୍କର ଏହି କଳାକୃତି ମଧ୍ୟରୁ ୭୦ଟି କଳାକୃତିକୁ ଟେନିସ୍ ଖେଳାଳିରୁ ଏଣ୍ଟ୍ରେପ୍ରେନ୍ୟୁୟର୍ ସାଜିଥିବା ଡେଭିଡ ଲୟଡ୍ ପ୍ରାୟ ୧,୦୩,୦୯,୧୪,୪୫୫ ଟଙ୍କାରେ କିଣିନେଇଥିଲେ।







# ଅନ୍ତର୍ଜାତୀୟ କଦଳୀ ସଂଗ୍ରହାଳୟ

କାଲିଫର୍ନିଆ, ମେକ୍କା ସହରସ୍ଥିତ ସାଲ୍ଟୋନ ସମୁଦ୍ରର ଉତ୍ତର ଭାଗ ବେଳାଭୂମିରେ ଅଛି ଅନ୍ତର୍ଜାତୀୟ କଦଳୀ ସଂଗ୍ରହାଳୟ। ବାହାରୁ ଦେଖିବାକୁ ଏହା ଏକ ଛୋଟିଆ ଦୋକାନ ଭଳି। ହେଲେ ବାହାରେ ଥିବା ଏହାର ନାମଫଳକ ଓ ଚେୟାରରେ ବେଶ୍ ଆରାମରେ ବସିଥିବା କଦଳୀରୁ ବାରି ହୁଏ ସଂଗ୍ରାହଳୟ କେତେ ମଜାଦାର ହୋଇଥିବ। ସଂଗ୍ରହାଳୟ ଭିତରେ ଭରି ରହିଛି କଦଳୀକୁ ନେଇ ଅନେକ ଅଦ୍ଭୁତ ଓ ଆକର୍ଷକ ଜିନିଷ। ତା' ସହ ଏହାର ପ୍ରତ୍ୟେକ କାନ୍ଥ, ଆସବାବପତ୍ର ହଳଦିଆ ରଙ୍ଗର ଓ କଦଳୀ ଭଳି। ଏ ହେଉଛି ଏକମାତ୍ର ସଂଗ୍ରହାଳୟ, ଯେଉଁଠି କୌଣସି ଫଳକୁ ନେଇ ଏତେ ବଡ଼ ସଂଗ୍ରହାଳୟ ରହିଛି। ପ୍ରାୟ ୨୦,୦୦୦ରୁ ଊର୍ଦ୍ଧ୍ୱ କଦଳୀ ସମ୍ପର୍କିତ ସାମଗ୍ରୀ ଏଠାରେ ଦେଖିବାକୁ ମିଳେ। ଏଠାରେ ଏକ ବାନାନା ବାର୍ ବି ଅଛି, ଯେଉଁଠି ବହୁତ ସ୍ୱାଦିଷ୍ଟ ବାନାନା ଶେକ୍ ଓ ବାନାନା ସୋଡା ଆଇସ୍କ୍ରିମ୍ ମିଳିଥାଏ। ଏଠାକାର ଚକୋଲେଟ୍ କଭର ହୋଇଥିବା ଫ୍ରୋଜେନ୍ ବାନାନା ସହ ବାନାନା ଫ୍ଲେଭରର ଡ୍ରିଙ୍କ୍ ଓ ଚାରି ପ୍ରକାରର ବାନାନା ସୋଡା ପପ୍ ବି ବେଶ୍ ଲୋକପ୍ରିୟ।


